# ନବୀନଙ୍କୁ ପ୍ରଶଂସା, ପାଣ୍ଡିଆନ୍‌ଙ୍କୁ ଟ୍ରୋଲ୍

## ସୋସିଆଲ ମିଡିଆରେ...

**sandeep sahu** @geminianguddu · 10h
If one person can win an election for a party, one person can also lose an election for a party !!

**Ruben Banerjee** @Rubenbanerj... · 8h
I write: "Pandian's runaway unpopularity dwarfed the enduring popularity for Patnaik... The Pandian phenomenon coupled with anti- incumbency accrued over the years sunk his political fortunes in Kalinga."

**Abhijeet Sahoo** @im_abhi__ · 5h
End of his 24year reign with a double loss! Things might have turned out differently if he hadn't placed his unwavering trust in **Pandian** and 5T.
While change was totally necessary this elections,every Odia will always hold immense respect for Naveen babu as our CM. @Naveen_Odisha







ଭୁବନେଶ୍ୱର,୪।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜନୀତି ଇତିହାସରେ ଲେଖା ହେବ 'ଏକ ନୂଆ ଆରମ୍ଭ'। ଦୀର୍ଘ ୨୪ବର୍ଷର ଶାସନ ପରେ ବିଜୁ ଜନତା ଦଳ ତଥା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନର ଅନ୍ତ ଘଟିଛି। ଭାଜପା ଆଶା କରି ନଥି ବା ଫଳ ପାଇଥିବାବେଳେ ବିଜେଡିର ପରାଜୟକୁ ନେଇ ସୋସିଆଲ ମିଡିଆରେ ଏଭଳି ଅନେକ ମତ ପ୍ରକାଶ ପାଇଛି। ଏଥିସହ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ବିଜେଡି ପରାଜୟର ବଡ଼ କାରଣ ବୋଲି କୁହାଯାଉଛି। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ସାମ୍ବାଦିକ ଓ ଯୁବ ମହଲରେ ପାଣ୍ଡିଆନଙ୍କୁ ବହୁ ସମାଲୋଚନା କରାଯାଇଛି। ବିଶେଷକରି ମଙ୍ଗଳବାର ଭୋଟ ଗଣତି ଓ ଫଳାଫଳ ଘୋଷଣା ଜାରି ରହିଥିବାବେଳେ ଅପରାହ୍ଣ ପରଠୁ ପାଣ୍ଡିଆନଙ୍କ ବିରୋଧରେ ଲୋକେ ପୋଷ୍ଟ ଶେୟାର କରି ଟ୍ରୋଲ କରିଥିଲେ। ଏମିତିକି ବିଜେଡି ସହ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ମଧ୍ୟ ପାଣ୍ଡିଆନଙ୍କୁ ଦାୟୀ କରୁଥିବା ଦେଖାଯାଇଥିଲା। ହେଲେ ନବୀନଙ୍କ ପ୍ରତି ଲୋକଙ୍କ ଭଲପାଇବା ସେମିତି ରହିଛି। ଅନେକେ ନବୀନଙ୍କୁ ତାଙ୍କ ଶାସନ ସମୟରେ ହୋଇଥିବା ଓଡିଶାର ଉନ୍ନତି ଓ ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶାରେ ସରକାର ଗଢ଼ିବାକୁ ଯାଉଥିବା ଭାଜପା ପ୍ରତି ଲୋକେ ସମର୍ଥନ ଜଣାଇବା ସହ ଏକ ପରିବର୍ତ୍ତନର ଓଡ଼ିଶା ଦେଖିବାକୁ ସମସ୍ତେ ଆଶାବାଦୀ ଥିବା ସୋସିଆଲ ମିଡିଆରେ ଲେଖିଛନ୍ତି। ଲେଖକ ତଥା ସାମ୍ବାଦିକ ରୁବେନ ବାନାର୍ଜୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି, କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଅପ୍ରିୟତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ନଷ୍ଟ କରିଦେଲା। ଓଡ଼ିଶାରେ ତାଙ୍କ ରାଜନୀତି କ୍ୟାରିୟରକୁ ବୁଡ଼ାଇଦେଲା। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ବିମଲ ପାଣ୍ଡିଆ ନାମକ ଜଣେ ୟୁଜର୍ସ ଲେଖିଛନ୍ତି, ବିଜେଡ଼ି ହାରିବାର ଏକ ଓ ପ୍ରମୁଖ କାରଣ ହେଉଛନ୍ତି ପାଣ୍ଡିଆନ। ଆମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସହିପାରିବୁ, ମାତ୍ର ଜଣେ ଅଣଓଡ଼ିଆଙ୍କୁ କିଭଳି ସହିବୁ। ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଲେଖିଛନ୍ତି, ଯଦି ଜଣେ ବ୍ୟକ୍ତି ଦଳକୁ ଜିତାଇପାରେ, ତା'ହେଲେ ଜଣେ ବ୍ୟକ୍ତି ମଧ୍ୟ ଦଳକୁ ପରାଜିତ କରିପାରେ। ବିଜୁ ଜନତା ଦଳ ହାରିବାର କାରଣ ଦଳ ଓ ଏହାର ନେତା ଓଡ଼ିଶାର ଲୋକଙ୍କୁ ଗ୍ରାଣ୍ଟେଡ୍‌ରେ ନେଲେ। ଜଣେ ସୋସିଆଲ ମିଡିଆ ୟୁଜର୍ସ ନୈମିଷା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଯେବେ ଯେବେ ଓଡ଼ିଶାରେ ସାଇକ୍ଲୋନ ଆସିବ, ସେବେ କେବଳ ଜଣଙ୍କ ନାମ ମନକୁ ଆସିବ। ସେ ହେଉଛନ୍ତି ନବୀନ ପଟ୍ଟନାୟକ। ଜଣେ ଓଡ଼ିଆ ଭାବେ ମୁଁ ସବୁବେଳେ ଆପଣଙ୍କ ପାଇଁ ଗର୍ବ କରିବି। ଆମ ପିଢ଼ି ଗର୍ବରେ କହିପାରିବ, ବିଜେଡି ଶାସନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆମେ ଏକ ସୁବର୍ଣ୍ଣ ଯୁଗ ଦେଖିଛୁ। ଅଭିଜିତ୍ ସାହୁ ନାମକ ଅନ୍ୟଜଣେ ୟୁଜର୍ସ ଲେଖିଛନ୍ତି, ଦୀର୍ଘ ୨୪ବର୍ଷର ରାଜତ୍ୱ ଏକ ଡବଲ ଲସ୍ ସହ ଶେଷ ହେଲା। ଯଦି ନବୀନ ପଟ୍ଟନାୟକ ୫-ଟି କି କାର୍ତ୍ତିକ ପାଣ୍ଡିଆନଙ୍କୁ ବିଶ୍ୱାସ କରି ନ ଥାନ୍ତେ ବୋଧେ ଫିଗର ଆଜି କିଛି ଅଲଗା ହୋଇଥାନ୍ତା। ଯଦିଓ ରାଜନୀତିରେ ପରିବର୍ତ୍ତନର ଆବଶ୍ୟକତା ରହିଛି, ମାତ୍ର ସମସ୍ତ ଓଡ଼ିଆଙ୍କ ହୃଦୟରେ ନବୀନ ସବୁବେଳେ ରହିବେ।

### ଭାଇରାଲ ହେଉଛି 'ରାଜନୀତିରୁ ସନ୍ନ୍ୟାସ ନେବି'

ଗତ ମେ' ୧୦ରେ ଏକ ନିର୍ବାଚନୀ ସଭାରେ ପାଣ୍ଡିଆନ କହିଥିଲେ, ଯଦି ଆମର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ନ ହେବେ, ତା'ହଲେ ମୁଁ ରାଜନୀତିରୁ ସନ୍ୟାସ ନେଇଯିବି। ମଙ୍ଗଳବାର ସକାଳୁ ବିଜେଡି ପରାଜୟର ଫଳାଫଳ ଦେଖିବା ପରଠୁ ଅନେକ ସୋସିଆଲ ମିଡିଆରେ ପୂର୍ବର ଏହି ଭିଡ଼ିଓକୁ ପୋଷ୍ଟ କରିଥିଲେ। ସେହି ଭିଡିଓକୁ ଅନେକ କୌତୂହଳପୂର୍ଣ୍ଣ ଭାବେ ଏଡିଟ୍ କରି ଶେୟାର କରିଥିଲେ। ଏମିତିକି କେବେ ସନ୍ୟାସ ନେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ।

# ଓଡ଼ିଆ ଅସ୍ମିତା, ଭାଷା, ସଂସ୍କୃତି ଓ ପରିଚୟର ବଡ଼ ବିଜୟ

ଭୁବନେଶ୍ୱର,୪।୬
(ଶର୍ମିଷ୍ଠା ପାଣିଗ୍ରାହୀ)

### ଓଡ଼ିଶାର ଜନାଦେଶ ନେଇ ଖୁସିବ୍ୟକ୍ତ କଲେ କେନ୍ଦ୍ରମନ୍ତ୍ରୀ



ଓଡ଼ିଶାରେ ଆଜି ଏକ ନୂଆ ଇତିହାସ ଲେଖାଯାଇଛି । ଏହି ବିଜୟ କେବଳ ଭାଜପାର ନୁହେଁ ବରଂ ସାଢେ ୪ କୋଟି ଓଡ଼ିଆଙ୍କ ବିଜୟ । ଏହି ବିଜୟ ଓଡ଼ିଆ ଅସ୍ମିତା, ଭାଷା, ସଂସ୍କୃତି ଓ ପରିଚୟର ବଡ଼ ବିଜୟ ବୋଲି ଓଡ଼ିଶା ଜନାଦେଶ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ସମ୍ବଲପୁର ଲୋକସଭାର ବିଜୟୀ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁର ଲୋକସଭାର ଜନସାଧାରଣଙ୍କ ସମେତ ଓଡ଼ିଶାବାସୀ ଭାଜପାକୁ ପୂର୍ଣ୍ଣ ବହୁମତରେ ଆଶୀର୍ବାଦ କରିଥିବାରୁ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଦଳର ନେତୃମଣ୍ଡଳୀ ଓଡ଼ିଶାର ସେବା କରିବା ପାଇଁ ରାଜ୍ୟର ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏକବିଂଶ ଶତାବ୍ଦୀରେ ଓଡ଼ିଶାକୁ ଏକ ଅଗ୍ରଣୀ ଅଞ୍ଚଳରେଗୋଢି ତୋଳିବା ପାଇଁ ଆମ ରାଷ୍ଟ୍ରୀୟ ନେତୃତ୍ୱଙ୍କ ସହ ରାଜ୍ୟ ନେତୃତ୍ୱଗଣ ଲୋକଙ୍କୁ ଅନୁରୋଧ କରିଥିଲେ । ଏହି ଅନୁରୋଧ ଉପରେ ସହମତି ପ୍ରକାଶ କରି ଭାଜପାକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କୁ ଭକ୍ତିପୂର୍ଣ୍ଣ କୃତଜ୍ଞତା ଜ୍ଞାପନ କରୁଛି । ୨୪ ବର୍ଷ ପରେ ପ୍ରଥମ ଥର ପାଇଁ ଭାଜପାର ସରକାର ଓଡ଼ିଶାରେ ହେବାକୁ ଯାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ସମଲେଇ, ମା' ହିଙ୍ଗୁଳା ଏବଂ ସବୁ ଦେବାଦେବୀଙ୍କ ଆଶୀର୍ବାଦରୁ ଏହା ସମ୍ଭବ ହୋଇଛି । ମହାପ୍ରଭୁଙ୍କ ଶୁଭ ଆଶୀର୍ବାଦରୁ ଓଡ଼ିଶାବାସୀଙ୍କ ସେବା କରିବାର ସୁଯୋଗ ମିଳିବା ଆମ ପାଇଁ ସୌଭାଗ୍ୟର ବିଷୟ । ଆମର ଶୀର୍ଷ ନେତୃତ୍ୱଙ୍କ ଦୂରଦୃଷ୍ଟି, ମାର୍ଗଦର୍ଶନ ଏବଂ କାର୍ଯ୍ୟକର୍ତ୍ତାମାନଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି । ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ସ୍ୱାଭିମାନ କେବଳ ରାଜନୈତିକ ବିଷୟ ନୁହେଁ । ଓଡ଼ିଆ ଅସ୍ମିତା ଓ ସଂସ୍କୃତିରେ ମହାପ୍ରଭୁଙ୍କ ସଂସ୍କୃତି, ଓଡ଼ିଆ ଚାଲିଚଳଣୀ ଓ ପରମ୍ପରାର କଥା ଅଛି । ଏଥିପାଇଁ ଓଡ଼ିଆ ଲୋକମାନେ ଭାଜପାକୁ ଭରପୁର ମାତ୍ରାରେ ଆଶୀର୍ବାଦ କରିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବେ । ସବୁ ମୋଦୀ ଗ୍ୟାରେଣ୍ଟିର ସ୍ୱପ୍ନ ସାକାର ହେବ ବୋଲି ପ୍ରଧାନ କହିଛନ୍ତି।

# ଜିତିଲେ ସିଦ୍ଧାନ୍ତ, ଆକାଶ - ହାରିଗଲେ ବର୍ଷା, ଅରିନ୍ଦମ





ଭୁବନେଶ୍ୱର,୪।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଏଥର ସାଧାରଣ ନିର୍ବାଚନରେ ଓଡ଼ିଆ ଚଳଚ୍ଚିତ୍ରର ଅଭିନେତ୍ରୀ, ଅଭିନେତା ମଇଦାନକୁ ଓହ୍ଲାଇଥିଲେ। ୨ ଅଭିନେତା ଜିତିଥିବା ବେଳେ ୨ଜଣ ପରାଜୟ ସ୍ୱୀକାର କରିଛନ୍ତି। ଲୋକେ ପ୍ରମାଣ କରିଛନ୍ତି ଯେ, ଷ୍ଟାର ହୋଇଥିଲେ ମଧ୍ୟ ଆମ ସହ ରହିଥିବା ଲୋକଙ୍କୁ ଆମେ ଜିତାଇଛୁ। ସେଥିପାଇଁ ଦଳ କି ଷ୍ଟାର୍ ଅଭିନେତା ଓ ଅଭିନେତ୍ରୀ ଭାବେ ନୁହେଁ, ପ୍ରାର୍ଥୀ ଦେଖି ଭୋଟ ଦେଇଛନ୍ତି ଲୋକେ। ଦିଗପହଣ୍ଡିରେ ଅଭିନେତା ସିଦ୍ଧାନ୍ତ ମହାପାତ୍ର, କୋରେଇରେ ଆକାଶ ଦାସ ନାୟକ ଜିତିଥିବା ବେଳେ ବଡ଼ଚଣାରୁ ବର୍ଷା ପ୍ରିୟଦର୍ଶିନୀ ଓ ସାଲେପୁରରୁ ଅରିନ୍ଦମ ରାୟ ପରାଜିତ ହୋଇଛନ୍ତି। ବିଜେଡିର ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କୁ ହରାଇ ବିଜୟୀ ହୋଇଛନ୍ତି ସିଦ୍ଧାନ୍ତ। ୨୦୦୯ରୁ ଲଗାତାର ଭାବେ ବିଜେଡି ଦିଗପହଣ୍ଡିରେ ବିଜୟୀ ହେଉଥିବା ବେଳେ ଭାଜପା ଏଥର ବାଜିମାତ୍ କରିନେଇଛି। ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିବା ସିଦ୍ଧାନ୍ତ ବାଜିମାରି ନେଇଛନ୍ତି । ସେହିପରି କୋରେଇରେ ଭାଜପା ପ୍ରାର୍ଥୀ ଆକାଶ ଦାସନାୟକଙ୍କ ବଡ ବିଜୟ ହୋଇଛି। ବିଜେଡି ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସଙ୍କୁ ପରାସ୍ତ କରି ଆକାଶ ଜିତିଛନ୍ତି। ସେପଟେ ବଡଚଣାରେ କାମ ଦେଲାନି ବର୍ଷାଙ୍କ ଷ୍ଟାର୍ ଚେହେରା। ବର୍ଷା ପ୍ରିୟଦର୍ଶିନୀଙ୍କୁ ହରାଇ ବିଜୟୀ ହୋଇଛନ୍ତି ଭାଜପା ପ୍ରାର୍ଥୀ ଅମର ନାୟକ। ଅନ୍ୟପଟେ ଭାଜପାରୁ ସାଲେପୁର ବିଧାନସଭା ଆସନରେ ମଇଦାନକୁ ଓହ୍ଲାଇଥିଲେ ଓଲିଉଡ୍ ଷ୍ଟାର ଅରିନ୍ଦମ। ମାତ୍ର ବିଜେଡିର ପ୍ରଶାନ୍ତ ବେହେରା ଅରିନ୍ଦମଙ୍କୁ ପରାସ୍ତ କରି ହାତେଇଛନ୍ତି ସାଲେପୁର ବିଧାନସଭା ଆସନ।




ଦେଶରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ବହୁମତ ମିଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବାଲୁକାକଳା ମାଧ୍ୟମରେ ଶୁଭେଚ୍ଛା ଜଣାଉଛନ୍ତି ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ।

# ଜନାଦେଶ ଓଡ଼ିଶା ବିକାଶର ଆକାଂକ୍ଷାକୁ ପ୍ରତିଫଳିତ କରୁଛି : ଜେ.ପି. ନଡ୍ଡା

ଭୁବନେଶ୍ୱର,୪।୬(ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଶାରେ ବିପୁଳ ବିଜୟକୁ ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ସୋସିଆଲ ମିଡିଆରେ ପ୍ରତିକ୍ରିୟା ରଖିଛନ୍ତି। ସେ ଲେଖିଛନ୍ତି, ଧନ୍ୟବାଦ ଓଡ଼ିଶା। ଆମ ଦଳ ଉପରେ ବିଶ୍ୱାସ ଓ ଭରସା ଦେଖାଇଥିବାରୁ ଭାରତୀୟ ଜନତା ପାର୍ଟି ତରଫରୁ କୃତଜ୍ଞତା ଜ୍ଞାପନ କରୁଛି। ଏହି ଜନାଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପଯୁକ୍ତ ମାର୍ଗଦର୍ଶନରେ



ଓଡ଼ିଶାର ବିକାଶର ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ବିଜୟ ସୁନିଶ୍ଚିତ କରିଥିବାରୁ ଭାଜପା ଓଡ଼ିଶାର ସମସ୍ତ କାର୍ଯ୍ୟକର୍ତ୍ତା, ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଉଛି। ଆପଣମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ପ୍ରତିବଦ୍ଧତା ମୋଦିଙ୍କ ଦର୍ଶନ ଏବଂ ଦଳର ଆଦର୍ଶକୁ ପ୍ରତି ଘରେ ପହଞ୍ଚାଇବ। ଏହି ନିର୍ଣ୍ଣାୟକ ବିଜୟକୁ ସୁରକ୍ଷିତ କରିବା ନିମନ୍ତେ ଆପଣଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଅପରାଜେୟ ପ୍ରଶାନ୍ତ ଜଗଦ୍ଦେବ

### ବେଗୁନିଆ, ଚିଲିକା ପରେ ଖୋର୍ଦ୍ଧାରେ ଜିତିଲେ

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)



ପ୍ରଶାନ୍ତ ଜଗଦ୍ଦେବ ଜଣେ ଅପରାଜେୟ ନେତା। ଛାତ୍ରନେତାରୁ କ୍ୟାରିୟର ଆରମ୍ଭ କରିଥିବା ପ୍ରଶାନ୍ତ ପରବର୍ତ୍ତୀ ସମୟରେ ରାଜନୀତିରେ ପାଦଥାପି ସଫଳତା ହାସଲ କରିଛନ୍ତି। ଛାତ୍ର ଜୀବନରୁ କେବେ ପଛକୁ ଫେରି ନ ଥିବା ଏବଂ ବିଫଳତାର ସ୍ୱାଦ ଚାଖି ନ ଥିବା ଏହି ନେତା ରାଜନୈତିକ କ୍ୟାରିୟର ମଧ୍ୟରେ ଅଜାତଶତ୍ରୁ ଭଳି ସଫଳତା ହାସଲ କରିଛନ୍ତି। ଜିଲା ପରିଷଦ ସଭ୍ୟରୁ ଅଧ୍ୟକ୍ଷ, ଜିଲା ଯୋଜନା କମିଟିର ଚେୟାରମ୍ୟାନ, ବିଜୁ ଜନତା ଦଳର ଜିଲା ସଭାପତି ଦାୟିତ୍ୱ ତୁଲାଇ ଆସିଛନ୍ତି। ୨୦୧୪ରେ ବିଜେଡି ତାଙ୍କୁ ପ୍ରଥମେ ବେଗୁନିଆରୁ ଟିକେଟ ଦେଇଥିଲା। ସେଠାରୁ ସେ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୧୯ରେ ବେଗୁନିଆରେ ବିବାଦୀୟ କାରଣରୁ ଦଳ ତାଙ୍କ ସ୍ଥାନ ପରିବର୍ତ୍ତନ କରିଥିଲା। ମାତ୍ର ୧୨ ଦିନ ବ୍ୟବଧାନରେ ଚିଲିକାରେ ଲଢ଼ି ଅଞ୍ଚଳବାସୀଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଥିଲେ। ସେଠାରୁ ମଧ୍ୟ ବିପୁଳ ବ୍ୟବଧାନରେ ବିଜୟୀ ହୋଇଥିଲେ। ତେବେ ୨୦୨୧ରେ ଭାଜପା ମଣ୍ଡଳ ସଭାପତିଙ୍କୁ ଆକ୍ରମଣ, ୨୦୨୨ରେ ବାଣପୁର ପଲଟନ ପଡିଆ ନିକଟରେ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ଦଳ ତାଙ୍କୁ ବହିଷ୍କାର କରିଥିଲା। ପରବର୍ତ୍ତୀ ସମୟରେ ଜଗଦ୍ଦେବ ଆଉ ଦଳକୁ ଫେରିପାରି ନ ଥିଲେ। ନିକଟରେ ସେ ଭାଜପାରେ ଯୋଗଦେଇଥିଲେ। ଭାଜପାରେ ଯୋଗଦାନ ପରଠୁ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଖୋର୍ଦ୍ଧା ବିଧାନସଭା ଆସନରୁ ପ୍ରାର୍ଥୀ କରିଥିଲା। ବିଜେଡିର ହେଭିୱେଟ ନେତା ୪ର୍ଥ ଥର ନିର୍ବାଚନ ଲଢୁଥିବା ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁଙ୍କୁ ୮ହଜାରରୁ ଊର୍ଦ୍ଧ୍ୱ ଭୋଟରେ ହରାଇ ବିଜୟ ଲାଭ କରିଛନ୍ତି। ନିର୍ବାଚନ ପୂର୍ବରୁ ଖୋର୍ଦ୍ଧାରୁ ବିଜୟୀ ହେବେ ବୋଲି ଜଗଦ୍ଦେବ ଦମ୍ଭୋକ୍ତି ପ୍ରକାଶ କରିଥିଲେ।







୨୦୨୪ ନିର୍ବାଚନରେ ନୈରାଶ୍ୟଜନକ ଫଳ ପ୍ରଦର୍ଶନ ପରେ କଂଗ୍ରେସ ଓ ଶଙ୍ଖଭବନ ଖାଁ ଖାଁ।

## ସଂକ୍ଷେପରେ

### ପୋଷ୍ଟାଲ ବାଲଟ: ଭାଜପା ପାଇଛି ୨୫୭୫, ବିଜେଡି ୨୪୭୩

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)

ସାଧାରଣ ନିର୍ବାଚନରେ ଜନତାଙ୍କ ବିପୁଳ ସମର୍ଥନରେ ଭାଜପା ଓଡ଼ିଶାରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ ସରକାରୀ କର୍ମଚାରୀଙ୍କ ଭୋଟ ମଧ୍ୟ ଭାଜପା ଖାତାକୁ ଅଧିକ ଯାଇଥିବା ଭୋଟଗଣତି ବେଳେ ଜଣାପଡିଛି। ଜିଲାରେ ୮ ନିର୍ବାଚନମଣ୍ଡଳୀ ପୋଷ୍ଟାଲ ବାଲଟରେ ୫୭୪୯ ଭୋଟ ପଡିଛି। ୬ ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀମାନେ ସରକାରୀ କର୍ମଚାରୀଙ୍କ ଭୋଟ ହାତେଇବାରେ ସଫଳ ହୋଇଛନ୍ତି। ଭାଜପା ୨୫୭୫, ବିଜେଡି ୨୪୭୩, କଂଗ୍ରେସ ୪୬୩ ଏବଂ ଅନ୍ୟ ୨୩୮ ରହିଛି। ଖୋର୍ଦ୍ଧା ବିଧାନସଭାରେ ୧୦୭୧ ଭୋଟ ପଡିଥିବା ବେଳେ ସେଥିରୁ ଭାଜପା ୫୩୧, ବିଜେଡି ୩୬୯, କଂଗ୍ରେସ ୪୭ ଏବଂ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ ୮୯ ପାଇଛନ୍ତି। ବେଗୁନିଆରେ ୧୦୪୦ ଭୋଟ ପଡିଥିବା ବେଳେ ଭାଜପା ୩୩୫, ବିଜେଡି ୫୪୪, କଂଗ୍ରେସ ୧୩୬ ପାଇଛି। ଜଟଣୀରେ ୫୪୩ ପଡିଥିବା ବେଳେ ବିଜେଡି ୨୧୫, ଭାଜପା ୧୬୧, କଂଗ୍ରେସ ୧୪୮ ପାଇଛନ୍ତି। ଜୟଦେବରେ ୪୩୩ ଭୋଟ ପଡିଥିବା ବେଳେ ଭାଜପା ୨୦୧, ବିଜେଡି ୨୦୪, କଂଗ୍ରେସ ୨୦ ପାଇଛି। ଏକାମ୍ର ଭୁବନେଶ୍ୱରରେ ୫୮୭ ମଧ୍ୟରୁ ଭାଜପା ୨୯୪, ବିଜେଡି ୨୫୯, କଂଗ୍ରେସ ୨୫ ପାଇଛନ୍ତି। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୫୯୬ରୁ ଭାଜପା ୩୦୩, ବିଜେଡି ୨୫୪, କଂଗ୍ରେସ ୨୫ ପାଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୫୮୭ରୁ ଭାଜପା ୨୬୧, ବିଜେଡି ୨୭୪, କଂଗ୍ରେସ ୩୩ ଓ ଅନ୍ୟ ପ୍ରାର୍ଥୀ ରହିଛନ୍ତି। ଜିଲାର ୮ନିର୍ବାଚନମଣ୍ଡଳୀରୁ ୬ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀମାନେ ସରକାରୀ କର୍ମଚାରୀଙ୍କ ଭୋଟ ହାତେଇବାରେ ସଫଳ ହୋଇଛନ୍ତି।

### ଯୁବତୀଙ୍କୁ ଅପହରଣ ଘଟଣା: ଦିବ୍ୟାଙ୍ଗ ଯୁବକ ଗିରଫ

ଭୁବନେଶ୍ୱର,୪।୬(ସତ୍ୟଜିତ୍ ରାଉତ)

ଘରୁ ରାଗି ପଳାଇଥିବା ଜଣେ ଯୁବତୀଙ୍କୁ ଚାକିରି କରାଇଦେବାକୁ କହି ମିଛ ପ୍ରତିଶ୍ରୁତି ଦେଇ ଅପହରଣ କରିବା ଅଭିଯୋଗରେ ସମ୍ପୃକ୍ତ ଦିବ୍ୟାଙ୍ଗ ଯୁବକଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ନବକିଶୋର ପ୍ରଧାନ (୩୪)। କୋର୍ଟଚାଲାଣ ପରେ ନବକିଶୋରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ସ୍ଥାନୀୟ ଅଞ୍ଚଳରେ ରୁହନ୍ତି। ମାର୍ଚ୍ଚ ୨୫ରେ ସେ କୌଣସି କାରଣରୁ ରାଗି ଘରୁ ପଳାଇ ଆସିଥିଲେ। ଏନେଇ ଯୁବତୀଙ୍କ ମାଆ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିଲେ। ଯୁବତୀ ଜଣକ ଖୋର୍ଦ୍ଧା ରେଳ ଷ୍ଟେଶନରେ ଅଭିଯୁକ୍ତ ନବାକିଶୋରଙ୍କ ସହ ଯୋଗାଯୋଗରେ ଆସିଥିଲେ। ସେଠାରେ ପୀଡ଼ିତାଙ୍କୁ ଏକାକୀ ଥିବାର ସୁଯୋଗ ନେଇ ନବିକିଶୋର ତାଙ୍କ ସହ କଥା ହୋଇଥିଲେ। ଭଲ ଚାକିରି ଯୋଗାଇ ଦେବାର ମିଛ ପ୍ରତିଶ୍ରୁତି ଦେଇ ନବକିଶୋର ତାଙ୍କୁ ଫଶାଇଥିଲେ। ତାଙ୍କୁ ପ୍ରଥମେ କଟକ, ପରେ ଆନ୍ଧ୍ରପ୍ରଦେଶ ଓ ପାରାଦୀପକୁ ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କୁ ନବକିଶୋର ବିବାହ କରିବାକୁ ବାଧ କରିଥିଲେ। ଏହି ପ୍ରସ୍ତାବକୁ ପୀଡ଼ିତା ରାଜି ନ ହେବାରୁ ତାଙ୍କୁ ସେ ଧମକ ଦେଇଥିଲେ। ମେ' ୨୦ରେ ପୀଡ଼ିତାଙ୍କୁ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ.୩୧୧/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ଭୁବନେଶ୍ୱର ୩ ଆସନରୁ ବିଜେଡିକୁ ୨, ଭାଜପାକୁ ୧

ଭୁବନେଶ୍ୱର, ୪।୬ (ସୁନିତ୍ ମିଶ୍ର)

- ୩୭ ଖଣ୍ଡ ଭୋଟ୍‌ରେ ଜିତିଲେ ଅନନ୍ତ ଜେନା
- ଲଗାତର ୩ ଥର ବିଜୟୀ ହୋଇଆସୁଥିବା ଅଶୋକ ପଣ୍ଡା ହାରିଲେ
- ଉତ୍ତର ଭୁବନେଶ୍ୱରରେ ସୁଶାନ୍ତଙ୍କ ଉପରେ ପୁଣି ଭରସା କଲେ ଲୋକେ

୨୦୨୪ ସାଧାରଣ ନିର୍ବାଚନର ଫଳାଫଳ ଏଥର ସବୁ ଓଲଟପାଲଟ କରିଦେଇଛି। ୨୫ ବର୍ଷ ଧରି ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ସରକାରକୁ ଏଥର ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ବହୁ ଜଟିଳ ପରିସ୍ଥିତି ଭିତରେ ବିଜେଡିର ପ୍ରାର୍ଥୀ ଅଳ୍ପ ଭୋଟ୍ ବ୍ୟବଧାନରେ ବିଜୟୀ ହେଉଥିବା ଦେଖିବାକୁ ମିଳିଛି। ଭୁବନେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ଉତ୍ତର, ମଧ୍ୟ ଏବଂ ଏକାମ୍ର ନିର୍ବାଚନମଣ୍ଡଳୀ ସମସ୍ତଙ୍କୁ ଚକିତ କରିଛି। ସବୁବେଳେ ଏହି ୩ ଆସନ ନିଜ ଅକ୍ତିଆରରେ ରଖିଆସୁଥିବା ବିଜେଡିକୁ କଠିନ ପରିସ୍ଥିତି ଦେଇ ଯିବାକୁ ପିଡିଛି। ଭୁବନେଶ୍ୱର ଲୋକ ସଭା ଆସନ ପୁଣିଥରେ ଭାଜପା ଦଖଲ କରିଥିବାବେଳେ ଏହା ଅନ୍ତର୍ଗତ ବିଧାନସଭା ଆସନଗୁଡିକ ଅଳ୍ପଅଳ୍ପରେ ବିଜେଡି ହାତରେ ରହିଯାଇଥିବା ଦେଖିବାକୁ ମିଳିଛି। ହେଲେ ପ୍ରତ୍ୟେକ ଆସନରେ ବିଜେଡି ପ୍ରାର୍ଥୀମାନଙ୍କୁ ଭାଜପା ପ୍ରାର୍ଥୀମାନେ କଡ୍ଡା ଟକ୍କର ଦେଇଛନ୍ତି। ଏଥିସହିତ ଏକାମ୍ର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ୫୦୦୫ ଖଣ୍ଡ ଭୋଟ୍‌ରେ ଭାଜପା ପ୍ରାର୍ଥୀ ବାବୁ ସିଂ ପରାଜିତ କରିଛନ୍ତି। ତେବେ ମଧ୍ୟ ଭୁବନେଶ୍ୱର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ମାତ୍ର ୩୭ ଖଣ୍ଡ ଭୋଟ୍‌ରେ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ଠାରୁ ବିଜୟ ଲାଭ କରିଛନ୍ତି। ସେହିପରି ଉତ୍ତର ଭୁବନେଶ୍ୱର ଆସନରେ ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ୧୧,୩୪୩ ଖଣ୍ଡ ଭୋଟ୍‌ରେ ଭାଜପା ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ରଙ୍କ ଠାରୁ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଅଶୋକ ଚନ୍ଦ୍ର ପଣ୍ଡା ୨୦୦୯, ୨୦୧୪ ଏବଂ ୨୦୧୯ରେ ଲଗାତର ୩ ଥର ଏକାମ୍ର ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇ ବିଜୟୀ ହୋଇଆସୁଥିଲେ। ହେଲେ ଏଥର ତାଙ୍କୁ ବିଗତ ଦିନରେ ବିଜେଡିରେ କାର୍ଯ୍ୟ କରୁଥିବା ଏବଂ ପରବର୍ତ୍ତୀ ସମୟରେ ଶାସକ ଦଳ ଛାଡି ଭାଜପାରେ ଯୋଗ ଦେଇଥିବା ବାବୁ ସିଂ ପରାଜିତ କରିଛନ୍ତି। ଗତଥର ମଧ୍ୟ ବାବୁ ସିଂ ଭାଜପାରୁ ପ୍ରାର୍ଥୀ ହୋଇ ଅଶୋକ ପଣ୍ଡାଙ୍କ ଠାରୁ ପରାଜିତ ହୋଇଥିଲେ। ସେହିପରି ଅନନ୍ତ ଜେନା ମଧ୍ୟ ନିର୍ବାଚନମଣ୍ଡଳୀରୁ ବିଧାନସଭା ଟିକେଟ ପାଇ ପ୍ରଥମ ଥର ଲାଗି ୨୦୧୯ରେ ନିର୍ବାଚନ ଲଢିଥିଲେ। ଏଥର ଦଳ ଭିତରୁ ତାଙ୍କୁ ଘୋର ବିରୋଧ କରାଯାଇଥିଲା। ଅନନ୍ତ କିନ୍ତୁ ବହୁ କମ୍ ଭୋଟ୍ ବ୍ୟବଧାନରେ ଦ୍ୱିତୀୟ ଥର ଲାଗି ବାଜି ମାରି ନେଇଛନ୍ତି। ସେହିପରି ଉତ୍ତର ନିର୍ବାଚନମଣ୍ଡଳୀରୁ ସୁଶାନ୍ତ ରାଉତ ମଧ୍ୟ ୨୦୧୯ରୁ ପ୍ରଥମ ଥର ବିଜେଡି ଟିକେଟରେ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ୨୦୨୪ ନିର୍ବାଚନରେ ଦଳ ତାଙ୍କ ଉପରେ ଭରସା କରି ଦ୍ୱିତୀୟ ଥର ଲାଗି ଟିକେଟ ଦେଇଥିଲା। ସେ ମଧ୍ୟ ଲୋକଙ୍କ ପାଖରେ ନିଜର ଆସ୍ଥା ବଜାୟ ରଖିବାରେ ଏକ ପ୍ରକାର ସକ୍ଷମ ହୋଇଛନ୍ତି। ଏହି ଆସନରୁ ତାଙ୍କ ବିରୋଧରେ ପୂର୍ବତନ ବିଜେଡି ବିଧାୟକ ଥିବା ପ୍ରିୟଦର୍ଶୀ ମିଶ୍ର ଭାଜପା ଟିକେଟରେ ଲଢୁଥିଲେ। ହେଲେ ପ୍ରିୟଦର୍ଶୀଙ୍କୁ ୧୧ ହଜାର ୩୪୩ ଖଣ୍ଡ ଭୋଟ୍‌ରେ ସୁଶାନ୍ତ ପରାଜିତ କରିଛନ୍ତି।

ଅପରପକ୍ଷରେ ବିଜେଡିର ଗଡ କୁହାଯାଉଥିବା ଭୁବନେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ଖୋର୍ଦ୍ଧା ଆସନ ମଧ୍ୟ ଭାଜପା ହାତକୁ ଚାଲିଯାଇଛି। ଏହି ଆସନରୁ ବିଜେଡିରୁ ବାହାର କରିଦିଆଯିବା ପରେ ଭାଜପାରେ ଯୋଗଦେଇ ଖୋର୍ଦ୍ଧା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ ଜଗଦେବ ବିଜୟ ଲାଭ କରିସାରିଛନ୍ତି। ହେଲେ ଭୁବନେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ଜଟଣୀ, ବେଗୁନିଆ ଏବଂ ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀମାନଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ହେଲେ ରାଜ୍ୟର ସମସ୍ତ ୨୧ ଲୋକ ସଭା ଆସନରେ ଭାଜପା ଟ୍ରେଣ୍ଡ କରୁଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ସମାନସ୍ଥିତି ଦେଖିବାକୁ ମିଳିଛି। ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀଙ୍କୁ ଦ୍ୱିତୀୟ ଥର ଲାଗି ଲୋକମାନେ ଭରସା କରିଥିବାର ଦେଖିବାକୁ ମିଳିଛି। ପୂର୍ବତନ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟ ଏଥର ବିଜେଡିରୁ ଭୁବନେଶ୍ୱର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିଲେ।



ଏକାମ୍ର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ବିଜୟୀ ହେବା ପରେ ସମର୍ଥକ ଓ କର୍ମୀମାନେ ଶୁଭେଚ୍ଛା ଜଣାଉଛନ୍ତି।

## ଖୋର୍ଦ୍ଧା ଜିଲାରେ ଖାତା ଖୋଲିପାରିଲାନି କଂଗ୍ରେସ

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ୮ଟି ବିଧାନସଭା ଆସନରେ ବିଜେଡି ୫ଟି ଆସନ ଦଖଲ କରିଥିବା ବେଳେ ଭାଜପା ୩ଟି ଆସନରେ ବିଜୟୀ ହୋଇଛି। ଜଟଣୀ, ବେଗୁନିଆ, ଜୟଦେବ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଜିତିଥିବା ବେଳେ ଖୋର୍ଦ୍ଧା, ଚିଲିକା ଓ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେବେ ଏଥର କଂଗ୍ରେସ ଖାତା ଖୋଲିପାରି ନାହିଁ।

## ୩୫,୧୫୨ ଖଣ୍ଡ ଭୋଟରେ ଜିତିଲେ ଅପରାଜିତା



ଜିଲାପାଳ ଚଞ୍ଚଳ ରାଣାଙ୍କଠାରୁ ବିଜୟୀ ସାର୍ଟିଫିକେଟ ଆଣିବା ପରେ କର୍ମୀଙ୍କ ଗହଣରେ ଅପରାଜିତା ଷଡ଼ଙ୍ଗୀ।

ଭୁବନେଶ୍ୱର, ୪।୬ (ସୁନିତ୍ ମିଶ୍ର)

ଭୁବନେଶ୍ୱର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଦ୍ୱିତୀୟ ଥର ଲାଗି ୨୦୨୪ ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ଅପରାଜିତା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ୩୫, ୧୫୨ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଅପରାଜିତା ମୋଟ୍ ୫ ଲକ୍ଷ ୧୨ ହଜାର ୫୧୯ ଖଣ୍ଡ ଭୋଟ ପାଇଥିବା ବେଳେ ମନ୍ମଥ ୪ ଲକ୍ଷ ୭୭ ହଜାର ୩୬୭ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟପଟେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ୟାସିର ନୱାଜଙ୍କୁ ୬୬ ହଜାର ୩୬୨ ଖଣ୍ଡ ଭୋଟ ମିଳିଛି।

ତେବେ ୨୦୧୯ରେ ମଧ୍ୟ ଭାଜପାରୁ ପ୍ରାର୍ଥୀ ହୋଇ ଅପରାଜିତା ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଗତଥର ସେ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ୨୩ ହଜାର ୫୫୯ ଖଣ୍ଡ ଭୋଟରେ ପରାଜିତ କରିଥିଲେ। ଗତଥର ଅପରାଜିତା ମୋଟ ୪ ଲକ୍ଷ ୮୬ ହଜାର ୯୯୧ ଖଣ୍ଡ ଭୋଟ ପାଇଥିବା ବେଳେ ଅରୂପଙ୍କୁ ମୋଟ ୪ ଲକ୍ଷ ୬୩ ହଜାର ୧୫୨ ଖଣ୍ଡ ଭୋଟ ମିଳିଥିଲା। ତେବେ ଏଥର ବିଜେଡି ଅପରାଜିତାଙ୍କ ବିରୋଧରେ ପ୍ରଥମେ ଶ୍ରୀମୟୀ ମିଶ୍ରଙ୍କୁ ପ୍ରାର୍ଥୀ କରିବାକୁ ଯୋଜନା କରିଥିବା ବେଳେ ପରବର୍ତ୍ତୀ ସମୟରେ ଯୋଜନା ବଦଳାଇଥିଲା। ଶେଷରେ କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟଙ୍କ ପୁଅ ମନ୍ମଥଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ଏଥର କ୍ୟାମ୍ପେନ ମଧ୍ୟ ଜୋର୍‌ଦାର ହୋଇଥିଲା। ପ୍ରଥମରୁ ସୁରେଶଙ୍କ ବ୍ୟକ୍ତିଗତ ଭୋଟ ହାତେଇ ବିଜେଡି ଲୋକ ସଭା ଗତଥର ତୁଳନାରେ ଅଧିକ ଭଲ କରିପାରିବ ବୋଲି ଆଶା ରଖିଥିଲା। ହେଲେ ବିଜେଡିର ସବୁ ଅଙ୍କ ଫେଲ୍ ମାରିଛି। ରାଜ୍ୟରେ ଏଥର ଯେଉଁଭଳି ଭାବେ ଭାଜପା ସପକ୍ଷବାଦୀ ପବନ ବହିଥିଲା ତାହାକୁ ପ୍ରତିହତ କରିବାରେ ବିଜେଡି ଫେଲ୍ ମାରିଛି। ୨୧ଟିରୁ ୨୦ଟି ଲୋକ ସଭା ଆସନ ଭାଜପା ଖାତାକୁ ଚାଲିଯାଇଛି।

ବିଜୟୀ ହେବା ପରେ ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା ଜିଲାପାଳ ତଥା ରିଟର୍ନିଂ ଅଫିସର ଚଞ୍ଚଳା ରାଣାଙ୍କଠାରୁ ବିଜୟୀ ସାର୍ଟିଫିକେଟ ଆଣିଥିଲେ।

## ୩ଥର ପରାଜୟ ପରେ ପ୍ରଭାତୀ ପିନ୍ଧିଲେ ବିଜୟ ମୁକୁଟ

ନିମାପଡ଼ା,୪।୬ (ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀରେ ୯୫ ହଜାର ୪୩୦ ଖଣ୍ଡ ଭୋଟରେ ଭାଜପା ବାଜିମାତ୍ କରିଛି। ଭାଜପା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଦିଲୀପ ନାୟକଙ୍କୁ ୪ ହଜାର ୫୮୮ ଭୋଟରେ ହରାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ଏହି ଆସନରେ ୩ ଦଶନ୍ଧି ଧରି ବିଜେଡିର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶଙ୍କ ରାଜ ଚାଲିଥିଲା। ହେଲେ ଚଳିତ ନିର୍ବାଚନରେ ସମୀର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇ ପ୍ରଭାତୀଙ୍କ ରଥରେ ସାରଥି ହୋଇ ତାଙ୍କ ବିଜୟ ପାଇଁ ଉଦ୍ୟମ କରିଥିଲେ। ଫଳରେ ୩ଥର ପରାଜୟ ପରେ ପ୍ରଭାତୀ ବିଜୟ ମୁକୁଟ ପିନ୍ଧିଛନ୍ତି।

## ନୋଟାରେ ପଡ଼ିଛି ୮୫୪୧ ଭୋଟ

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନରେ କେହି ପ୍ରାର୍ଥୀ ପସନ୍ଦ ନ ହେଲେ ଭୋଟର ନୋଟା(ଏଥିରୁ କୌଣସି ପସନ୍ଦ ନୁହଁ)ରେ ଭୋଟ ଦେବାର ବ୍ୟବସ୍ଥା ରହିଛି। ଖୋର୍ଦ୍ଧା ଜିଲାରେ ନୋଟାରେ ୮୫୪୧ ଭୋଟ ପଡିଛି। ସେଥିରୁ ଇଭିଏମ ୮୪୧୭ ଏବଂ ପୋଷ୍ଟାଲ ବାଲାଟରେ ୭୦ ରହିଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ୧୨୩୩ ପଡିଥିବା ବେଳେ ସେଥିରୁ ଇଭିଏମରେ ୧୨୧୭ ଓ ପୋଷ୍ଟାଲ ବାଲାଟରେ ୧୬ ପଡିଛି। ବେଗୁନିଆରେ ୯୯୮ ପଡିଥିବା ବେଳେ ସେଥିରୁ ଇଭିଏମରେ ୯୯୦ ଓ ପୋଷ୍ଟାଲ ବାଲାଟରେ ୮ ପଡିଛି। ଜଟଣୀରେ ୧୪୪୯ ପଡିଥିବା ବେଳେ ସେଥିରୁ ଇଭିଏମରେ ୧୪୩୮ ଓ ପୋଷ୍ଟାଲ ବାଲାଟରେ ୧୧ ପଡିଛି। ଜୟଦେବରେ ୧୨୭୧ ପଡିଥିବା ବେଳେ ସେଥିରୁ ଇଭିଏମରେ ୧୨୬୮ ଓ ପୋଷ୍ଟାଲ ବାଲାଟରେ ୩ ପଡିଛି। ଏକାମ୍ର ଭୁବନେଶ୍ୱରରେ ୯୮୫ ପଡିଥିବା ବେଳେ ସେଥିରୁ ଇଭିଏମରେ ୯୭୭ ଓ ପୋଷ୍ଟାଲ ବାଲାଟରେ ୮ ପଡିଛି। ଭୁବନେଶ୍ୱର ମଧ୍ୟରେ ୬୮୯ ପଡିଥିବା ବେଳେ ସେଥିରୁ ଇଭିଏମରେ ୬୮୨ ଓ ପୋଷ୍ଟାଲ ବାଲାଟରେ ୭ ପଡିଛି। ଭୁବନେଶ୍ୱର ଉତ୍ତରରେ ୮୬୮ ପଡିଥିବା ବେଳେ ସେଥିରୁ ଇଭିଏମରେ ୮୬୨ ଓ ପୋଷ୍ଟାଲ ବାଲାଟରେ ୬ ପଡିଛି। ଚିଲିକା ବିଧାନସଭା ଆସନରେ ୧୦୪୮ ପଡିଥିବା ବେଳେ ସେଥିରୁ ଇଭିଏମରେ ୧୦୩୭ ଓ ପୋଷ୍ଟାଲ ବାଲାଟରେ ୧୧ ପଡିଛି।



ଓଡ଼ିଶାରେ ଭାଜପାକୁ ବିପୁଳ ଜନମତ ମିଳିବା ପରେ ମହିଳା ନେତ୍ରୀ ଓ କର୍ମୀମାନେ ରାମ ମନ୍ଦିର ସମ୍ମୁଖରେ ଦୀପ ଜାଳୁଛନ୍ତି।

## ପ୍ରଥମଥର ବିଜୟ ସ୍ୱାଦ ଚାଖିଲେ ସମ୍ବିତ ପାତ୍ର

ପୁରୀ,୪।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଲୋକ ସଭା ଆସନରୁ ଭାଜପାର ସମ୍ବିତ ପାତ୍ର ବିଜୟ ଲାଭ କରିଛନ୍ତି। ପ୍ରଥମ ଥର ପାଇଁ ସମ୍ବିତ ବିଜୟର ସ୍ୱାଦ ଚାଖିବା ସହ ପୁରୀ ଲୋକ ସଭା ଆସନକୁ ଭାଜପା କବ୍‌ଜା କରିଛି। ଏଠାରେ ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ସମ୍ବିତ ୧୦, ୪୭୦୯ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଅରୂପ ମୋହନ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ସମ୍ବିତ ୬, ୨୯, ୩୩୦ ଖଣ୍ଡ ଭୋଟ ପାଇଥିବା ବେଳେ ଅରୂପ ୫, ୨୪, ୬୨୧ ଖଣ୍ଡ ଭୋଟ ପାଇଥିଲେ। ସେହିପରି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଜୟ ନାରାୟଣ ପଟ୍ଟନାୟକ ୨୪୩୪୨ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।



ବିଜେବି କଲେଜ କେନ୍ଦ୍ରରେ ଭୋଟ ଗଣତି କରାଯାଉଛି।

# ଭାଜପା ସପକ୍ଷ ସମର୍ଥନ ଆକଳନ କରିପାରିଲାନି ବିଜେଡି

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

- ପରାଜୟ ପରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଲେନି ନବୀନ
- ପାଣ୍ଡିଆନଙ୍କ ଘର ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଚଳିତ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେଡି ନେତାମାନଙ୍କ ଚିନ୍ତା ଏବେ ବହୁଳ ମାତ୍ରାରେ ବଢିଯାଇଛି। ଓଡ଼ିଶାରେ ଏଭଳି ଭାଜପା ସପକ୍ଷରେ ଏକ ପବନ ବହୁଥିବା କଥାକୁ କେହି କେବେହେଲେ ଆକଳନ କରିପାରି ନ ଥିଲେ। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯିଏ କେବେ ହେଲେ କୌଣସି ଆସନରୁ ହାରି ନ ଥିଲେ ତାଙ୍କୁ ମଧ୍ୟ ଏଥର କଣ୍ଟାବାଞ୍ଜି ଆସନରୁ ପରାଜୟ ବରଣ କରିବାକୁ ପଡ଼ିଲା। ତେବେ ନବୀନଙ୍କ ଏଭଳି ସ୍ଥିତି ପାଇଁ ଦଳ ଏବେ ବିଭିନ୍ନ କାରଣ ଦର୍ଶାଇ କାର୍ତ୍ତିକ ପାଣ୍ଡିଆନଙ୍କୁ ଦାୟୀ କରିବା ଆରମ୍ଭ କରିଦେଲେଣି। ଯଦିଓ ଏକଥା ବାହାରକୁ ସେତେଟା ମାତ୍ରାରେ ଆସି ନାହିଁ ପରାଜୟ ବରଣ କରିଥିବା ବିଜେଡି ନେତାମାନେ କିନ୍ତୁ ଘରେ ବସି ଏହି କଥାକୁ କୁହାକୁହି ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ନିର୍ବାଚନରେ ପରାଜୟ ବରଣ କରିବା ପରଠାରୁ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଆଉ ଗଣମାଧ୍ୟମ ସମ୍ମୁଖକୁ ଆସିନାହାନ୍ତି।

ତେବେ ନିର୍ବାଚନ ପରାଜୟ ପରେ ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କେବଳ ଗଣମାଧ୍ୟମ ଆଗକୁ ଆସି ଦଳ ପାଇଁ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ସହିତ ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ମଧ୍ୟ ଉକ୍ତ ଖବରଦାତା ସମ୍ମିଳନୀରେ ସାମିଲ ହୋଇଥିଲେ। ହେଲେ ଅନ୍ୟ ବରିଷ୍ଠ ନେତାମାନେ ଏପର୍ଯ୍ୟନ୍ତ କେହି ଗଣମାଧ୍ୟମ ଆଗରେ ପାଟି ଖୋଲିନାହାନ୍ତି। ସେହିପରି ସନ୍ଧ୍ୟା ସମୟରେ କାର୍ତ୍ତିକ ପାଣ୍ଡିଆନଙ୍କ ସରକାରୀ ବାସଭବନକୁ ପୋଲିସ୍ ଛାଉଣି କରିଦିଆଯାଇତିଲା। କୁହାଯାଉଛି, ବିଜେଡି ନେତା ଓ କର୍ମୀଙ୍କ ଆକ୍ରୋଶ କୁଆଡେ ପାଣ୍ଡିଆନଙ୍କ ପ୍ରତି ବଢିଯାଇଥିବା କାରଣରୁ ଗୋଇନ୍ଦା ବିଭାଗ ଖବର ପାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଦେଇଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ 'ଏକ୍ସ'ରେ ମତ ଦେଇ ରହିଯାଇଛନ୍ତି। ସେ ମଧ୍ୟ ବିଜେଡି ସରକାରରୁ ଯିବାପରେ ଗଣମାଧ୍ୟମକୁ ଆସି ନିଜର ପ୍ରତିକ୍ରିୟା ରଖିନାହାନ୍ତି। ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଆଗକୁ ଦଳ କେଉଁ ରଣନୀତି ନେଉଛି ସେ ବାବଦରେ ମଧ୍ୟ କାହାରି ପାଖରେ କିଛି ଖବର ନାହିଁ। ସବୁ ବିଜେଡି ନେତାମାନେ କେବଳ ଘରେ ଚୁପ୍ ହୋଇ ବସିରହିଛନ୍ତି। ଅନେକ ନେତା ଆଜିର ଫଳାଫଳକୁ ସହଜରେ ଗ୍ରହଣ ମଧ୍ୟ କରିପାରୁ ନାହାନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଉତ୍ସବ ମୁଖର ଥିବାବେଳେ ବିଜେଡି ଓ କଂଗ୍ରେସ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଖାଁ ଖାଁ ଦେଖିବାକୁ ମିଳିଛି। ଶଙ୍ଖ ଭବନରେ ଦିନ ସମୟରେ କିଛି ସମୟ ଦଳର କିଛି ଯୁବ ଓ ଛାତ୍ର ନେତାମାନେ ଆସି ଠାକୁରଙ୍କ ପାଖରେ ଦୀପ ଜାଳିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ କାହାରିକୁ ଦେଖିବାକୁ ମିଳି ନ ଥିଲା। ଅନ୍ୟପଟେ ରାତି ଅଧ ପର୍ଯ୍ୟନ୍ତ ଭାଜପା କାର୍ଯ୍ୟାଳୟକୁ ଦଳର କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ସ୍ଥାନରୁ ଆସିକି ବଡ ବଡ ନେତାମାନଙ୍କୁ ଶୁଭେଚ୍ଛା ଦେବା ସହିତ ଖୁସିରେ ସାମିଲ ହେଉଥିବାର ଦେଖିବାକୁ ମିଳିଛି।

# ବିଜେଡି ଖାତାରେ ୫, ଭାଜପାକୁ ୩ ଆସନ

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା ଜିଲା**
- ହାରିଲେ ରାଜେନ୍ଦ୍ର, ରଘୁନାଥ
- ଖାତା ଖୋଲିପାରିଲାନି କଂଗ୍ରେସ

ଖୋର୍ଦ୍ଧା ଜିଲାର ୮ଟି ବିଧାନସଭା ଆସନରେ ବିଜେଡି ୫ଟି ଆସନ ଦଖଲ କରିଥିବା ବେଳେ ଭାଜପା ୩ଟି ଆସନରେ ବିଜୟୀ ହୋଇଛି। ଜଟଣୀ, ବେଗୁନିଆ, ଜୟଦେବ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଜିତିଥିବା ବେଳେ ଖୋର୍ଦ୍ଧା, ଚିଲିକା ଓ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେବେ ଏଥର କଂଗ୍ରେସ ଖାତା ଖୋଲିପାରି ନାହିଁ।

ଖୋର୍ଦ୍ଧା ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁଙ୍କୁ ୮୫୯୮ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଏହି ଆସନରେ ଜଗଦ୍ଦେବ ୮୦,୫୬୪ ଭୋଟ ପାଇଥିବା ବେଳେ ରାଜେନ୍ଦ୍ର ୭୧,୯୬୬ ଖଣ୍ଡ ଭୋଟ ପାଇଛନ୍ତି। ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ ୧୯,୨୮୪ ଖଣ୍ଡ ପାଇ ତୃତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସର ସୋନାଲି ସାହୁ ୩୪୩୫, ସିପିଆଇଏମରୁ ଗିରିଶ ଚନ୍ଦ୍ର ମହାରଣା ୨୧୦୮, ଲୋକଶକ୍ତି ଦଳର ବିଶ୍ୱଜିତ ବେହେରା ୯୬୮, ବହୁଜନ ସମାଜ ପାର୍ଟିରୁ ରାଜକିଶୋର ନାୟକ ୭୩୫, ସ୍ୱାଧୀନରୁ ରୂପେଶ ବେହେରା ୬୨୩, ସୁପ୍ରିମ ଜିରୋ ପାର୍ଟି ଅଫ ଭାରତରୁ ବ୍ରହ୍ମଚାରୀ ନାୟକ ୪୯୮, ସ୍ୱାଧୀନରୁ ରଞ୍ଜିତ ମହାପାତ୍ର ୪୩୬ ଖଣ୍ଡ ଭୋଟ ପାଇଛନ୍ତି। ନୋଟାରେ ୧୨୩୩ ଖଣ୍ଡ ଭୋଟ ପଡିଛି। ସେହିପରି ଚିଲିକା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରଘୁନାଥ ସାହୁଙ୍କୁ ୪୫୬୬ ଖଣ୍ଡ ଭୋଟରେ ହରାଇଛନ୍ତି। ପୃଥ୍ୱୀରାଜ ୮୩,୨୬୪ ଭୋଟ ପାଇଥିବା ବେଳେ ରଘୁନାଥ ୭୮,୬୯୮ ଖଣ୍ଡ ଭୋଟ ପାଇଛନ୍ତି। ଏହି ଆସନରେ କଂଗ୍ରେସରୁ ପ୍ରଦୀପ ସ୍ୱାଇଁ ୩୦୮୨, ଆମ୍ ଆଦ୍‌ମୀ ପାର୍ଟିର ସଂଗ୍ରାମ କେଶରୀ ପରିଡା ୬୫୮, ସ୍ୱାଧୀନରୁ ମନ୍ମଥ କୁମାର ସିଂ ୪୩୫, ସୁବ୍ରତ କୁମାର ହାବାଡସିଂ ୪୦୨, ଶକ୍ତିପଦ ନାଥ ୩୧୫, ଜନତା ଦରବାର ଦଳରୁ ଏସ୍.କେ କୌଶର ୨୫୯ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୧୦୪୮ ଖଣ୍ଡ ଭୋଟ ପଡିଛି। ବେଗୁନିଆ ବିଧାନସଭା ଆସନରେ ବିଜେଡିର ପ୍ରଦୀପ କୁମାର ସାହୁ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରକାଶ ଚନ୍ଦ୍ର ବିଜୁଳିଙ୍କୁ ୪୭୮୧୪ ଖଣ୍ଡ ଭୋଟରେ ହରାଇଛନ୍ତି। ପ୍ରଦୀପ ୯୦,୯୬୪ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରକାଶ ୪୩,୧୫୦ ଭୋଟ ପାଇଛନ୍ତି। କଂଗ୍ରେସରୁ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ୧୮,୧୪୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ମାନସ ଲୋକଶକ୍ତି ଦଳରୁ ମାନସ ରଞ୍ଜନ ଦାସ ୭୭୩୬, ସ୍ୱାଧୀନରୁ ପ୍ରଦୀପ ସାହୁ ୫୩୭, ସନ୍ତୋଷ କୁମାର ସାହୁ ୩୮୯, ମନୋଜ କୁମାର ପ୍ରଧାନ ୩୭୯, ଶୁଭକାନ୍ତ ଖଡିରତ୍ନ ୩୪୬, ଜନାର୍ଦ୍ଦନ ଦଳବେହେରା ୨୧୦, ଜୟ ମହାଭାରତ ପାର୍ଟିର ସୂର୍ଯ୍ୟକାନ୍ତି ରାଉତ ୧୭୨, କୃପାପାର୍ଟିରୁ ସତ୍ୟବ୍ରତ ମହାପାତ୍ର ୩୨୧ ଭୋଟ ପାଇଥିବା ବେଳେ ୯୯୮ ଖଣ୍ଡ ଭୋଟ ନୋଟାରେ ପଡିଛି। ଜଟଣୀ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନାଙ୍କୁ ୨୫୨୨୧ ଭୋଟରେ ପରାସ୍ତ କରିଛନ୍ତି। ବିଭୂତି ୬୮୧୬୨ ଖଣ୍ଡ ଭୋଟ ପାଇଥିବା ବେଳେ ବିଶ୍ୱରଞ୍ଜନ ୪୨୯୪୧ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସର ସନ୍ତୋଷ ଜେନା ୪୨,୬୨୯ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ସୁଜିତ ବଳବନ୍ତରାୟ ୧୫୩୦୯, ଏମ୍‌ଡି ମନଓ୍ୱର ଅଲ୍ଲୀ ୧୭୮୮, ପ୍ରଶାନ୍ତ ସାହୁ ୪୭୧, ମନୋଜ ପ୍ରଧାନ ୩୪୬, ମାନସ ଲୋକଶକ୍ତି ଦଳର ପ୍ରଦୀପ ଭୋଇ ୧୧୩୬, କଳିଙ୍ଗ ସେନାର ହିମାଂଶୁ କୁମାର ନାୟକ ୨୮୭ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୧୪୪୯ ଭୋଟ ପଡିଛି।

ସେହିପରି ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ନବ କିଶୋର ମଲ୍ଲିକ ୭୬୭୯୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ଅରବିନ୍ଦ ଢାଲି ୫୫୩୧୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସର କୃଷ୍ଣ ଚନ୍ଦ୍ର ସଗରିଆ ୮୨୭୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବାବୁ ସିଂ ୭୪୬୯୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ୬୯୬୮୮ ଓ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ କୁମାର ଚମ୍ପତି ୫୪୬୧ ଖଣ୍ଡ ଭୋଟ ପାଇଛନ୍ତି। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ଅନନ୍ତ ନାରାୟଣ ଜେନା ୫୩୭୫୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ୫୩୭୨୨ ଓ କଂଗ୍ରେସ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ଜେନା ୩୩୦୮ ଖଣ୍ଡ ଭୋଟ ପାଇଛନ୍ତି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ୭୮୧୭୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ୬୬୮୩୬ ଏବଂ କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସ ୫୪୨୦ଖଣ୍ଡ ଭୋଟ ପାଇଛନ୍ତି।

## ଟାଙ୍ଗୀରେ ଭାଜପାର ବିଜୟ ଶୋଭାଯାତ୍ରା



ଟାଙ୍ଗୀ,୪।୬(ରଘୁନାଥ ସାହୁ)

ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ପରେ ରାଜ୍ୟରେ ଭାଜପା ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ଜଗଦ୍ଦେବ ବିଜୟୀ ହେବା ପରେ ଟାଙ୍ଗୀ ବ୍ଲକ ସଦରମହକୁମାରେ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରି ଦେଖାଦେଇଛି। ସମର୍ଥକମାନେ ବିଜୟ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ଛକରେ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରୁଥିବା ଦେଖିବାକୁ ମିଳିଥିଲା। ସରପଞ୍ଚ କିଶୋର କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ବରିଷ୍ଠ ଆଇନଜୀବୀ ନକୁଳ ନାୟକ, ବରିଷ୍ଠ ନେତା ସୁରେନ୍ଦ୍ର କୁମାର ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି ରାମଚନ୍ଦ୍ର ପରିଡ଼ା, ଗଙ୍ଗାଧର ବେହେରା, ସୁନୀଲ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

## ନୋଟାରେ ପଡିଛି ୮୫୪୧ ଭୋଟ

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନରେ କେହି ପ୍ରାର୍ଥୀ ପସନ୍ଦ ନ ହେଲେ ଭୋଟର ନୋଟା(ଏଥିରୁ କୌଣସି ପସନ୍ଦ ନୁହଁ)ରେ ଭୋଟ ଦେବାର ବ୍ୟବସ୍ଥା ରହିଛି। ଖୋର୍ଦ୍ଧା ଜିଲାରେ ନୋଟାରେ ୮୫୪୧ ଭୋଟ ପଡିଛି। ସେଥିରୁ ଇଭିଏମ ୮୪୧୭ ଏବଂ ପୋଷ୍ଟାଲ ବାଲାଟରେ ୭୦ ରହିଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ୧୨୩୩ ପଡିଥିବା ବେଳେ ସେଥିରୁ ଇଭିଏମରେ ୧୨୧୭ ଓ ପୋଷ୍ଟାଲ ବାଲାଟରେ ୧୬ ପଡିଛି। ବେଗୁନିଆରେ ୯୯୮ ପଡିଥିବା ବେଳେ ସେଥିରୁ ଇଭିଏମରେ ୯୯୦ ଓ ପୋଷ୍ଟାଲ ବାଲାଟରେ ୮ ପଡିଛି। ଜଟଣୀରେ ୧୪୪୯ ପଡିଥିବା ବେଳେ ସେଥିରୁ ଇଭିଏମରେ ୧୪୩୮ ଓ ପୋଷ୍ଟାଲ ବାଲାଟରେ ୧୧ ପଡିଛି। ଜୟଦେବରେ ୧୨୭୧ ପଡିଥିବା ବେଳେ ସେଥିରୁ ଇଭିଏମରେ ୧୨୬୮ ଓ ପୋଷ୍ଟାଲ ବାଲାଟରେ ୩ ପଡିଛି। ଏକାମ୍ର ଭୁବନେଶ୍ୱରରେ ୯୮୫ ପଡିଥିବା ବେଳେ ସେଥିରୁ ଇଭିଏମରେ ୯୭୭ ଓ ପୋଷ୍ଟାଲ ବାଲାଟରେ ୮ ପଡିଛି। ଭୁବନେଶ୍ୱର ମଧ୍ୟରେ ୬୮୯ ପଡିଥିବା ବେଳେ ସେଥିରୁ ଇଭିଏମରେ ୬୮୨ ଓ ପୋଷ୍ଟାଲ ବାଲାଟରେ ୭ ପଡିଛି। ଭୁବନେଶ୍ୱର ଉତ୍ତରରେ ୮୬୮ ପଡିଥିବା ବେଳେ ସେଥିରୁ ଇଭିଏମରେ ୮୬୨ ଓ ପୋଷ୍ଟାଲ ବାଲାଟରେ ୬ ପଡିଛି। ଚିଲିକା ବିଧାନସଭା ଆସନରେ ୧୦୪୮ ପଡିଥିବା ବେଳେ ସେଥିରୁ ଇଭିଏମରେ ୧୦୩୭ ଓ ପୋଷ୍ଟାଲ ବାଲାଟରେ ୧୧ ପଡିଛି।

## ବିଜୟ ପରେ ପ୍ରାର୍ଥୀଙ୍କ ମୁହଁରୁ...

### ଚିଲିକାର ବିକାଶକୁ ପ୍ରାଥମିକତା

"ଜନତାଙ୍କ ଆଶୀର୍ବାଦ, କର୍ମୀଙ୍କ ସହଯୋଗ ଯୋଗୁ ବିଜୟୀ ହୋଇପାରିଛି। ଚିଲିକାର ବିକାଶ ପ୍ରାଥମିକତା ରହିବ। ଚିଲିକା ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର। ଏହି କ୍ଷେତ୍ରର ବିକାଶ, ସ୍ଥାନୀୟ ନିଯୁକ୍ତି, ମହିଳା ସଶକ୍ତୀକରଣ, ମତ୍ସ୍ୟଜୀବୀଙ୍କ ବିକାଶକୁ ଗୁରୁତ୍ୱ ଦିଆଯିବ। ଭାଜପାର ସଙ୍କଳ୍ପପତ୍ରରେ ଚିଲିକାକୁ ସ୍ଥାନ ଦିଆଯାଇଛି। ସରକାର ଗଠନ ହେବାର ପ୍ରଥମ ମନ୍ତ୍ରୀସ୍ତରୀୟ ବୈଠକରେ ଏହାକୁ ପ୍ରାଥମିକତା ଦିଆଯିବ। ଭାଜପା ଯାହା ପ୍ରତିଶ୍ରୁତି ଦେଇଛି, ତାହାକୁ କାର୍ଯ୍ୟକାରୀ କରିବ।

**– ପୃଥ୍ୱୀରାଜ ହରିଚନ୍ଦନ, ବିଜୟୀ ପ୍ରାର୍ଥୀ ଭାଜପା ଚିଲିକା**

### ଅଞ୍ଚଳବାସୀଙ୍କ ବିକାଶ ପାଇଁ ସ୍ୱର ଉଠାଇବି

"ବେଗୁନିଆ, ବୋଲଗଡ଼ବାସୀଙ୍କ ଆଶୀର୍ବାଦ, ଭଲପାଇବା ପାଖରେ ଋଣୀ। ଦୀର୍ଘଦିନ ପରେ ବେଗୁନିଆବାସୀଙ୍କ ପାଇଁ କାମ କରିବାର ସୁଯୋଗ ମିଳିଛି। ଏହା ମୋର କର୍ମ ଭୂମି। ବେଗୁନିଆରେ ଶିଳ୍ପର ଅଭିବୃଦ୍ଧି, ଚାଷୀଙ୍କ ପାଇଁ ଜଳସେଚନର ସୁବିଧା, ସ୍ଥାନୀୟ ନିଯୁକ୍ତି ପ୍ରତି ବିଧାନସଭାରେ ସ୍ୱର ଉତ୍ତୋଳନ କରିବି। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର କିପରି ପୂର୍ଣ୍ଣାଙ୍ଗ ରୂପନେବ, ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରିବ ସେଥିପ୍ରତି ଗୁରୁତ୍ୱ ଦେବି।

**– ପ୍ରଦୀପ କୁମାର ସାହୁ, ବିଜୟୀ ପ୍ରାର୍ଥୀ ବିଜେଡି ବେଗୁନିଆ**

### ମୌଳିକ ସୁବିଧା ଯୋଗାଇବାକୁ ପ୍ରାଥମିକତା

"ଏହି ବିଜୟ ହେଉଛି ଜଟଣୀବାସୀଙ୍କ। ତାଙ୍କ ସୁଖଦୁଃଖରେ ରହିଛି। ଆଗକୁ ମଧ୍ୟ ସେମାନଙ୍କ ସେବା, ସମର୍ପଣ ଭାବ ନେଇ କାମ କରିବି। ଜଟଣୀରେ ସ୍ଥାନୀୟ ନିଯୁକ୍ତି, ଜଳସେଚନର ବ୍ୟବସ୍ଥା, ଉତ୍ତମ ସ୍ୱାସ୍ଥ୍ୟସେବା ସହ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ପ୍ରାଥମିକତା ରହିବ। ଦ୍ୱିତୀୟ ଥର ପାଇଁ ସେବା କରିବାର ସୁଯୋଗ ଦେଇଛନ୍ତି। ଆଗାମୀ ୫ବର୍ଷ ଅଞ୍ଚଳର ବିକାଶ ପାଇଁ ବିଧାନସଭାରେ ସ୍ୱର ଉଠାଇବି। କର୍ମୀଙ୍କ ସହଯୋଗ, ଜନତାଙ୍କ ଭଲପାଇବା ଯୋଗୁ ବିଜୟୀ ହୋଇପାରିଛି।

**– ବିଭୂତି ଭୂଷଣ ବଳବନ୍ତରାୟ, ବିଜୟୀ ପ୍ରାର୍ଥୀ ବିଜେଡି ଜଟଣୀ**

## ବିଜୟୀ ସାର୍ଟିଫିକେଟ ନେଲେ ଅପରାଜିତା



ଜିଲାପାଳ ଚଞ୍ଚଳ ରାଣାଙ୍କଠାରୁ ବିଜୟୀ ସାର୍ଟିଫିକେଟ ଆଣିବା ପରେ କର୍ମୀଙ୍କ ଗହଣରେ ଅପରାଜିତା ଷଡ଼ଙ୍ଗୀ।

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)

**କର୍ମୀ ଉତ୍ସାହିତ, ମିଠା ଖୁଆଇ ଶୁଭେଚ୍ଛା ଜଣାଇଲେ**

ଭୁବନେଶ୍ୱର ଲୋକ ସଭା ଆସନ ପୁଣି ଭାଜପା ହାତକୁ ଯାଇଛି। ୨୦୧୯ରେ ଅପରାଜିତା ଷଡ଼ଙ୍ଗୀ ଭାରତୀୟ ପ୍ରଶାସନିକ ସେବାରୁ ଅବ୍ୟାହତି ନେଇ ଲୋକ ସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ୨୦୨୪ ନିର୍ବାଚନରେ ମଧ୍ୟ ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ତେବେ ଫଳାଫଳ ଆସିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ତଥା ରିଟର୍ନିଂ ଅଫିସର ଚଞ୍ଚଳ ରାଣାଙ୍କ ନିକଟରୁ ଲୋକ ସଭାରେ ବିଜୟୀ ସାର୍ଟିଫିକେଟ ଅପରାଜିତା ନେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ପରେ କର୍ମୀମାନଙ୍କୁ ମିଠା ଖୁଆଇ ଅପରାଜିତା ବିଜୟୀ ଉତ୍ସବ ପାଳିଥିଲେ। ଆଉ ଥରେ ଅପରାଜିତା ସ୍ଲୋଗାନରେ ପରିବେଶ କମ୍ପିଥିଲା। ଏହି ଅବସରରେ ଅପରାଜିତା କହିଥିଲେ, ଏହି ବିଜୟ ଜନତା ଜନାର୍ଦ୍ଦନଙ୍କ। ଯେଉଁମାନଙ୍କ ଅକୁଣ୍ଠ ସ୍ନେହ, ଶ୍ରଦ୍ଧା, ଭଲପାଇବା ପାଇଛି। ଭୁବନେଶ୍ୱ ସଂସଦୀୟ କ୍ଷେତ୍ରରେ ଅଭୂତପୂର୍ବ ଜନସମର୍ଥନ ମିଳିଛି। ଓଡ଼ିଆଙ୍କ ଅସ୍ମିତା, ସ୍ୱାଭିମାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ। ଓଡ଼ିଶାରେ ଭାଜପାର ଶାସନ ସହ ବିକାଶ ଧାରା ପ୍ରବାହିତ ହେବ ବୋଲି କହିଥିଲେ।

## ବେଗୁନିଆରେ ପ୍ରଦୀପଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବିଜୟ ପରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ସାହୁଙ୍କୁ ସ୍ୱାଗତ କରାଯାଉଛି।

ବେଗୁନିଆ,୪।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ବିଜୟୀ ହୋଇଛନ୍ତି। ମଙ୍ଗଳବାର ସାରୁଅ ଗ୍ରାମସ୍ଥିତ ବିପ୍ଲବୀ ଯୁବ ପରିଷଦ ପକ୍ଷରୁ ପ୍ରଦୀପଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ବିଭିନ୍ନ ଗ୍ରାମ ତଥା ପଞ୍ଚାୟତରୁ ଆସିଥିବା ନେତା ଏବଂ କର୍ମୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ରାଜନୈତିକ ଜୀବନ ସଫଳ ହେବା ପାଇଁ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥିରେ ବିଜେଡିର ଜିଲା ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ବିଜେଡି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଭାଜପା ପାଇଛି ୨୫୭୫, ବିଜେଡି ୨୪୭୩

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା ଜିଲାରେ ପୋଷ୍ଟାଲ ବାଲାଟରେ ମତଦାନ**

ସାଧାରଣ ନିର୍ବାଚନରେ ଜନତାଙ୍କ ବିପୁଳ ସମର୍ଥନରେ ଭାଜପା ଓଡ଼ିଶାରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ ସରକାରୀ କର୍ମଚାରୀଙ୍କ ଭୋଟ ମଧ୍ୟ ଭାଜପା ଖାତାକୁ ଅଧିକ ଯାଇଥିବା ଭୋଟଗଣତି ବେଳେ ଜଣାପଡିଛି। ଜିଲାରେ ୮ ନିର୍ବାଚନମଣ୍ଡଳୀ ପୋଷ୍ଟାଲ ବାଲଟରେ ୫୭୪୯ ଭୋଟ ପଡିଛି। ୬ ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀମାନେ ସରକାରୀ କର୍ମଚାରୀଙ୍କ ଭୋଟ ହାତେଇବାରେ ସଫଳ ହୋଇଛନ୍ତି। ଭାଜପା ୨୫୭୫, ବିଜେଡି ୨୪୭୩, କଂଗ୍ରେସ ୪୬୩ ଏବଂ ଅନ୍ୟ ୨୩୮ ରହିଛି।

ଖୋର୍ଦ୍ଧା ବିଧାନସଭାରେ ୧୦୭୧ ଭୋଟ ପଡିଥିବା ବେଳେ ସେଥିରୁ ଭାଜପା ୫୩୧, ବିଜେଡି ୩୬୯, କଂଗ୍ରେସ ୪୭ ଏବଂ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ ୮୯ ପାଇଛନ୍ତି। ବେଗୁନିଆରେ ୧୦୪୦ ଭୋଟ ପଡିଥିବା ବେଳେ ଭାଜପା ୩୩୫, ବିଜେଡି ୫୪୪, କଂଗ୍ରେସ ୧୩୬ ପାଇଛି। ଜଟଣୀରେ ୫୪୩ ପଡିଥିବା ବେଳେ ବିଜେଡି ୨୧୫, ଭାଜପା ୧୬୧, କଂଗ୍ରେସ ୧୪୮ ପାଇଛନ୍ତି। ଜୟଦେବରେ ୪୩୩ ଭୋଟ ପଡିଥିବା ବେଳେ ଭାଜପା ୨୦୧, ବିଜେଡି ୨୦୪, କଂଗ୍ରେସ ୨୦ ପାଇଛି। ଏକାମ୍ର ଭୁବନେଶ୍ୱରରେ ୫୮୭ ମଧ୍ୟରୁ ଭାଜପା ୨୯୪, ବିଜେଡି ୨୫୯, କଂଗ୍ରେସ ୨୫ ପାଇଛନ୍ତି। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୫୯୬ରୁ ଭାଜପା ୩୦୩, ବିଜେଡି ୨୫୪, କଂଗ୍ରେସ ୨୫ ପାଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୫୮୭ରୁ ଭାଜପା ୨୬୧, ବିଜେଡି ୨୭୪, କଂଗ୍ରେସ ୩୩ ଓ ଅନ୍ୟ ପ୍ରାର୍ଥୀ ରହିଛନ୍ତି। ଜିଲାର ୮ନିର୍ବାଚନମଣ୍ଡଳୀରୁ ୬ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀମାନେ ସରକାରୀ କର୍ମଚାରୀଙ୍କ ଭୋଟ ହାତେଇବାରେ ସଫଳ ହୋଇଛନ୍ତି।

## ଆତସବାଜିରେ କମ୍ପିଲା ନିରାକାରପୁର

ନିରାକାରପୁର,୪।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ନିରାକାରପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଥିବା ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହର ମାହୋଲ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଗଳିକନ୍ଦିରେ ଦଳୀୟ ସମର୍ଥକମାନେ ବାଣ ଫୁଟାଇ ବିଜୟ ବିଜୟ ଉତ୍ସବ ପାଳିଥିଲେ। ଏଥିସହ ବିଭିନ୍ନ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା।

## ଚିଲିକା ଭାଜପା ଶିବିରରେ ଖୁସିର ମାହୋଲ



ବାଲୁଗାଁ,୪।୬(ସଂଗ୍ରାମ ପାଇକରାୟ)

ଚିଲିକା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ବିଜୟୀ ହୋଇଛନ୍ତି। ଏନେଇ ପୃଥ୍ୱୀରାଜଙ୍କ ବିଜୟରେ ଚିଲିକା ନିର୍ବାଚନମଣ୍ଡଳୀ ଭାଜପା ଶିବିରରେ କର୍ମୀମାନେ ବାଣ ଫୁଟାଇବା ସହ ପରସ୍ପରକୁ ମିଠା ଖୁଆଇ ଖୁସି ମନାଉଥିବା ଦେଖିବାକୁ ମିଳିଛି।

# ଭାଜପା ପାଳିଲା ବିଜୟ ଉତ୍ସବ

ଖୋର୍ଦ୍ଧା,୪।୬(ପ୍ରଭାତ ପାଣିଗ୍ରାହୀ)



ବିଜୟ ଉତ୍ସବ ପାଳନ ଅବସରରେ ଉପସ୍ଥିତ ଭାଜପା ନେତୃବୃନ୍ଦ।



ବାଣ ଫୁଟାଇ ଭାଜପା କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

ଖୋର୍ଦ୍ଧା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ବିଜୟୀ ହୋଇଛନ୍ତି। ବୋଲଗଡ଼ କାଉଁରିପାଟଣା ୧୧୪ନଂ. ବୁଥ୍‌ରେ ଇଭିଏମ୍ ଭଙ୍ଗାଯିବା ଅଭିଯୋଗରେ ଜଗଦ୍ଦେବ ଗିରଫ ହୋଇ ଜେଲ ଯାଇଥିଲେ। ତେବେ ଜେଲରେ ଅସୁସ୍ଥତା ଯୋଗୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ଏବେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅନୁପସ୍ଥିତିରେ ଭାଜପା କର୍ମୀମାନେ ପଲ୍ଲୀ ଓ ନଗର କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କରିଛନ୍ତି। ବାଣ ଫୁଟାଇ, ପରସ୍ପରକୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ପରେ କର୍ମୀମାନେ ଏକ ଶୋଭାଯାତ୍ରାରେ ପଲ୍ଲୀରୁ ବାହାରି ନଗର ପରିକ୍ରମା କରିଥିଲେ। ଭାଜପା କାର୍ଯ୍ୟାଳୟରେ ଚିଲିକା ଭାଜପା ବିଜୟୀ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ, ଜିଲା ସଭାପତି ରଶ୍ମି ମହାପାତ୍ର, ପ୍ରଶାନ୍ତଙ୍କ ସ୍ତ୍ରୀ ସ୍ୱାଗତିକା ଜଗଦ୍ଦେବ, ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ଶୋଭନ ଘୋଷ, ଦୀପକ ହୋତା, ନାରୀନେତ୍ରୀ ବାସନ୍ତୀ ମହାପାତ୍ର, କୁନିଲତା ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଗତିକା କହିଛନ୍ତି, ଏହି ବିଜୟ ହେଉଛି ଖୋର୍ଦ୍ଧାବାସୀଙ୍କ। ସ୍ୱାମୀଙ୍କ ପ୍ରତି ଜନତାଙ୍କ ଭଲପାଇବା ରହିଛି। ଖୋର୍ଦ୍ଧାର ବିକାଶକୁ ପ୍ରାଥମିକତା ଦେବେ ବୋଲି ସେ ଆଗରୁ କହି ଆସିଛନ୍ତି। ସେଥିପ୍ରତି ସେ ଯତ୍ନବାନ ମଧ୍ୟ ହେବେ। ସେହିପରି ଜିଲା ସଭାପତି ରଶ୍ମି ମହାପାତ୍ର କହିଛନ୍ତି, ରାଜ୍ୟରେ ଭାଜପା ଅଭୂତପୂର୍ବ ଭାବେ ସଫଳତା ହାସଲ କରିଛି। ପ୍ରଧାନମନ୍ତ୍ରୀ ମୋଦି ଗ୍ୟାରେଣ୍ଟି ପ୍ରତିଫଳନ ହୋଇଛି। ଆଗକୁ ଜିଲାରେ ବିକାଶଧାରା ପ୍ରଭାବିତ ହେବ। ନାରୀନେତ୍ରୀ ବାସନ୍ତୀ କହିଛନ୍ତି, ଏହି ବିଜୟ ପଛରେ ଜନତାଙ୍କ ଆଶୀର୍ବାଦ ରହିଛି। ଜଗଦ୍ଦେବଙ୍କୁ ଷଡ଼ଯନ୍ତ୍ର ପୂର୍ବକ ଫସାଇ ଗିରଫ କଲେ। ତଥାପି ଲୋକଙ୍କ ଜନାଦେଶ ତାଙ୍କ ସପକ୍ଷରେ ଯାଇଛି ବୋଲି କହିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୬।୨୦୨୪

| ୪,୮୧,୦୯୬ ଟଙ୍କା | |
|---|---|
| ସୁନା | ୩.୫୦୦ ଗ୍ରାମ୍ |
| ରୁପା | ୮.୭୫୦ ଗ୍ରାମ୍ |

# ଜିଲ୍ଲାର ୬ ଆସନରୁ ଭାଜପାକୁ ୪, ବିଜେଡି ୨

■ ସତ୍ୟବାଦୀ, ପିପିଲିରେ ପ୍ରଥମ ଥର ଫୁଟିଲା ପଦ୍ମ
■ ଜିଲାରେ ଖାତା ଖୋଲିପାରିଲାନି କଂଗ୍ରେସ

ପୁରୀ,୪।୬(ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ଅନୁଷ୍ଠିତ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ପୁରୀ ଜିଲା ଅଧୀନ ୬ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ୨ଟିରେ ବିଜେଡି ଓ ୪ଟିରେ ଭାଜପା ଜିତିଛି। ପିପିଲି, ସତ୍ୟବାଦୀ, ନିମାପଡ଼ା ଏବଂ ବ୍ରହ୍ମଗିରିରେ ଭାଜପା ପ୍ରାର୍ଥୀ ଜିତିଥିବା ବେଳେ ପୁରୀ ଓ କାକଟପୁର ଆସନରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ସେହିପରି ଦୀର୍ଘବର୍ଷ ଧରି ବିଜେଡି ଅକ୍ତିଆରରେ ଥିବା ପୁରୀ ଲୋକ ସଭା ଆସନକୁ ପ୍ରଥମ ଥର ପାଇଁ ଛଡ଼ାଇ ନେଇଛି ଭାଜପା। ସେହିପରି ପିପିଲି, ସତ୍ୟବାଦୀରେ ଭାଜପା ପ୍ରଥମ ଥର ଖାତା ଖୋଲିଛି। ୨୦୧୯ ନିର୍ବାଚନରେ ଭାଜପା ହାତକୁ ଯାଇଥିବା ପୁରୀ ସଦର ଆସନ ପୁଣି ବିଜେଡି ପାଖକୁ ଫେରିଆସିଛି। ତେବେ ଗତ ନିର୍ବାଚନ ଭଳି ଏଥର ମଧ ଜିଲାରେ କଂଗ୍ରେସ ଖାତା ଖୋଲିପାରିନାହିଁ। ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ୪ଟି ବିଧାନସଭା ମଣ୍ଡଳୀ ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି ଓ ପିପିଲି ଏବଂ ଜଗତ୍‌ସିଂହପୁର ଲୋକ ସଭା ଅନ୍ତର୍ଗତ ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀ କାକଟପୁର ଓ ନିମାପଡ଼ାର ଭୋଟ ଗଣତି ପୁରୀରେ ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ



ପୁରୀର ଏକ ଭୋଟ ଗଣତି କେନ୍ଦ୍ରରେ ଗଣତି ଚାଲିଛି ।

ଭୋଟ ଗଣତି କରାଯାଇଥିଲା। ୬ଟି ନିର୍ବାଚନମଣ୍ଡଳୀରେ ଭାଜପା ଏବଂ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ପୁରୀ ସଦର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ସୁନୀଲ ମହାନ୍ତି ୫୧୭୮ ଖଣ୍ଡ ଭୋଟ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଜୟନ୍ତ କୁମାର ଷଡ଼ଙ୍ଗୀଙ୍କଠାରୁ ବିଜୟ ଲାଭ କରିଛନ୍ତି। ସୁନିଲ ୭୪,୭୦୯ ଖଣ୍ଡ ଭୋଟ ପାଇଥିବା ବେଳେ ଜୟନ୍ତ ୬୯, ୫୩୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି କଂଗ୍ରେସର ଉମାବଲ୍ଲଭ ରଥ ୧୩୧୬୯ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ୧୭, ୭୦୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କୁ ପରାସ୍ତ କରିଛନ୍ତି। ଓମ୍‌ପ୍ରକାଶ ୮୭, ୨୯୪ ଖଣ୍ଡ ଭୋଟ ପାଇଥିବାବେଳେ ସଞ୍ଜୟ ୬୯, ୫୮୬ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ମନୋଜ କୁମାର ରଥ ୨୧୯୯ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ପିପିଲି ନିର୍ବାଚନମଣ୍ଡଳୀରେ ୧୫, ୧୬୨ ଖଣ୍ଡ ଭୋଟରେ ଭାଜପାର ଆଶ୍ରିତ ପଟ୍ଟନାୟକ ବିଜେଡିର ରୁଦ୍ରପ୍ରତାପ ମହାରଥୀଙ୍କୁ ପରାସ୍ତ କରିଛନ୍ତି। ଆଶ୍ରିତ ୯୯, ୩୧୦ ଖଣ୍ଡ ଭୋଟ ପାଇଥିବାବେଳେ ରୁଦ୍ରପ୍ରତାପ ୮୪, ୧୪୮ ଏବଂ କଂଗ୍ରେସର ଜ୍ଞାନରଞ୍ଜନ ପଟ୍ଟନାୟକ ୩,୪୪୯ ଖଣ୍ଡ ଭୋଟ ପାଇଛନ୍ତି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଭାଜପାର ଉପାସନା ମହାପାତ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଉମାକାନ୍ତ ସାମନ୍ତରାୟଙ୍କୁ ୯,୮୩୦ ଖଣ୍ଡ ଭୋଟରେ ହରାଇଛନ୍ତି। ଉପାସନା ୯୫, ୭୮୩ ଖଣ୍ଡ ଭୋଟ ପାଇଥିବା ବେଳେ ଉମାକାନ୍ତ ୮୫,୯୫୩ ଏବଂ କଂଗ୍ରେସର ମିତ୍ରଭାନୁ ମହାପାତ୍ର ୧୯୧୦ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଜଗତ୍‌ସିଂହପୁର ଲୋକ ସଭା ଆସନ ଅନ୍ତର୍ଗତ ପୁରୀ ଜିଲାର ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ପ୍ରଭାତୀ ପରିଡ଼ା ୪,୫୮୮ ଭୋଟ ବ୍ୟବଧାନରେ ବିଜେଡିର ଦିଲୀପ ନାୟକଙ୍କୁ ପରାସ୍ତ କରିଛନ୍ତି। ପ୍ରଭାତୀ ୯୫, ୪୩୦ ଖଣ୍ଡ ଭୋଟ ପାଇଥିବାବେଳେ ଦିଲୀପ ୯୦,୮୪୨ ଏବଂ କଂଗ୍ରେସର ସିଦ୍ଧାର୍ଥ ରାଉତରାୟ ୭୦୬୬ ଖଣ୍ଡ ଭୋଟ ପାଇଛନ୍ତି। କାକଟପୁର ନିର୍ବାଚନମଣ୍ଡଳୀରେ ବିଜେଡିର ତୁଷାରକାନ୍ତି ବେହେରା ୨୩,୧୫୧ ଖଣ୍ଡ ଭୋଟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବାଇଧର ମଲିକଙ୍କୁ ହରାଇଛନ୍ତି। ତୁଷାରକାନ୍ତି ୮୪, ୦୧୦, ବାଇଧର ୬୦, ୮୫୯ ଏବଂ କଂଗ୍ରେସର ବିଶ୍ୱଭୂଷଣ ଦାସ ୩୧, ୩୨୫ ଖଣ୍ଡ ଭୋଟ ପାଇଛନ୍ତି।

## ବିଜୟୀ ପ୍ରାର୍ଥୀଙ୍କ ପ୍ରତିକ୍ରିୟା

### ଏହା ହେଉଛି ପୁରୀବାସୀଙ୍କ ବିଜୟ

ମହାପ୍ରଭୁଙ୍କ ସମେତ ମା', ବାପାଙ୍କ ଆଶୀର୍ବାଦ ରହିଥିଲା। ଏଥିସହ ପୁରୀ ଜନସାଧାରଣଙ୍କ ଆଶୀର୍ବାଦ ଓ ଭଲ ପାଇବା ଯୋଗୁ ସେ ବିଜୟୀ ହୋଇଛନ୍ତି। ଏହା ହେଉଛି ପୁରୀ ମାଟି ଓ ପୁରୀବାସୀଙ୍କ ବିଜୟ ତଥା ଧର୍ମର ବିଜୟ। ପୁରୀବାସୀ ତାଙ୍କୁ ଯାହା ଦାୟିତ୍ୱ ଦେବେ ସେ ତାକୁ ନିର୍ବାହ କରିବେ। ବାପା ମହେଶ୍ୱର ମହାନ୍ତି ପୁରୀବାସୀଙ୍କ ନିମନ୍ତେ ଦିନ ରାତି ଏକ କରି ତାଙ୍କର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଠିଆ ହୋଇଥିଲେ। ତେଣୁ ସେ ମଧ ତାଙ୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପୁରୀବାସୀଙ୍କ ନିମନ୍ତେ ଅଛନ୍ତି ଓ ରହିବେ।

**-ସୁନୀଲ ମହାନ୍ତି, ପୁରୀ ସଦର ଆସନର ବିଜୟୀ ବିଜେଡି ପ୍ରାର୍ଥୀ।**

### ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି

ପ୍ରଥମେ ନିମାପଡ଼ା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ମୋତେ ସେମାନଙ୍କ ସେବା କରିବାକୁ ସୁଯୋଗ ଦେଇଛନ୍ତି। ସେହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଜନସାଧାରଣ ଭାଜପା ଉପରେ ଆସ୍ଥା ପ୍ରକଟ କରିବା ସହିତ ସହଯୋଗ ଦେଇଛନ୍ତି। ଭାଜପାର ପ୍ରଚେଷ୍ଟା ଫଳରେ ରାଜ୍ୟରେ ପଟ ପରିବର୍ତ୍ତନ ହୋଇଛି। ଦଳର ସ୍ଲୋଗାନ ଥିଲା ରାଜ୍ୟରେ ସରକାର ଗଢିବା, ଯାହା ପୂରଣ ହେବାକୁ ଯାଉଛି। ରାଜ୍ୟରେ ବିଜେଡି ଗଡ଼ ଭାଙ୍ଗିଛି। ମୁଁ ସେବକ ହୋଇ ନିମାପଡ଼ାବାସୀଙ୍କ ସେବା କରିବି। ମୁଖ୍ୟତଃ ନିମାପଡ଼ା ନିର୍ବାଚନମଣ୍ଡଳୀରେ ପାନୀୟଜଳ ଯୋଗାଣ ସମସ୍ୟାର ପ୍ରତିକାର ପାଇଁ ସୁବ୍ୟବସ୍ଥା କରାଯିବ।

**-ପ୍ରଭାତୀ ପରିଡ଼ା, ନିମାପଡ଼ାର ବିଜୟୀ ଭାଜପା ପ୍ରାର୍ଥୀ।**

### ପିପିଲି-ଡେଲାଙ୍ଗ ମାଟିର ଭୋଟରଙ୍କୁ ପ୍ରଣାମ

ସର୍ବପ୍ରଥମେ ପିପିଲି-ଡେଲାଙ୍ଗ ମାଟିର ସମସ୍ତ ଭୋଟରଙ୍କୁ ପ୍ରଣାମ ଜଣାଉଛି। ଏହି ମାଟିର ସେବା କରିବା ନିମନ୍ତେ ମାଟି ମା' ସୁଯୋଗ ଦେଇଛି। ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର ଜନସାଧାରଣ ଯେଉଁ ଆଶା ଓ ବିଶ୍ୱାସ ରଖିଛନ୍ତି, ତାହାକୁ ନେଇ ନିର୍ବାଚନମଣ୍ଡଳୀର ବିକାଶ କରାଯିବ। ଏ ବିଜୟ ହେଉଛି ଡେଲାଙ୍ଗ ପିପିଲି ବାସୀଙ୍କ ବିଜୟ। ନିଜ ଦଳ, ପରିବାରକୁ ମଧ ଶ୍ରେୟ ଯାଉଛି। ଓଡ଼ିଶାରେ ଭାଜପା ସରକାର ହେବା ସହ ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଧାରାରେ ନିଜକୁ ଯୋଡ଼ିବା ନିମନ୍ତେ ନିର୍ବାଚନମଣ୍ଡଳୀବାସୀ ବିଜେଡି ଦୁର୍ଗକୁ ଭାଙ୍ଗି ଚୂରମାର କରିଛନ୍ତି। ଆମେ ଓଡ଼ିଆ, ତେଣୁ ଓଡିଆଙ୍କ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ। ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲାଯିବ।

**- ଆଶ୍ରିତ ପଟ୍ଟନାୟକ, ପିପିଲି-ଡେଲାଙ୍ଗର ବିଜୟୀ ଭାଜପା ପ୍ରାର୍ଥୀ।**

### ଲୋକଙ୍କ ଭଲ ପାଇବା, ଆସ୍ଥା ଯୋଗୁ ଜିତିଛି

ବିଜୟର ଶ୍ରେୟ ଦଳର ସଭାପତି ନବୀନ ପଟ୍ଟନାୟକ ଏବଂ କାକଟପୁର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଦେବି। ଲୋକଙ୍କ ଭଲ ପାଇବା ଓ ଆସ୍ଥା ଯୋଗୁ ବିଜୟୀ ହୋଇଛି। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ମଙ୍ଗଳାଙ୍କ ଚରଣରେ ପ୍ରଣାମ ଜଣାଉଛି। କାକଟପୁରର ଯାହା କାମ ବାକି ରହିଯାଇଛି, ସେ ସବୁ କରାଯିବ। ବିଗତ ଦିନରେ ଏହି ଅଞ୍ଚଳରେ ହୋଇଥିବା ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ପାଇଁ ଲୋକେ ତାଙ୍କୁ ପୁଣି ବିଜୟୀ କରାଇଛନ୍ତି। ଜନସାଧାରଣଙ୍କ ମତକୁ ସମ୍ମାନ ଜଣାଉଛି। ତେବେ ରାଜ୍ୟରେ ଦଳର ଏଭଳି ପ୍ରଦର୍ଶନ ନେଇ କେଉଁଠି ସମସ୍ୟା ରହିଲା, ସେ ସମ୍ପର୍କରେ ସମୀକ୍ଷା କରାଯିବା ସହ ସୁଧାର ଅଣାଯିବ। ଦଳ ଯାହା ନିଷ୍ପତ୍ତି ନେବ ତାହାକୁ ଗ୍ରହଣ କରିବି।

**-ତୁଷାରକାନ୍ତି ବେହେରା, କାକଟପୁରର ବିଜୟୀ ବିଜେଡି ପ୍ରାର୍ଥୀ।**

### ଏହା ସତ୍ୟବାଦୀର ସ୍ୱାଭିମାନ ମଣିଷଙ୍କ ବିଜୟ

ବିଜୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ଏହା ସତ୍ୟବାଦୀର ସ୍ୱାଭିମାନ ମଣିଷଙ୍କ ବିଜୟ। ସତ୍ୟବାଦୀ ଲୋକେ କୌଣସି ପ୍ରଲୋଭନ ପ୍ରତି ଆକୃଷ୍ଟ ନ ହୋଇ ନିଜ ସ୍ୱାଭିମାନକୁ ଦେଖି ଭୋଟ ଦେଇଛନ୍ତି। ତେଣୁ ସେ ଆଜି ବହୁତ ଖୁସି। ନିର୍ବାଚନମଣ୍ଡଳୀର ବିକାଶ ସହିତ ମୁଖ୍ୟତଃ ଜଳ ନିଷ୍କାସନ ସମସ୍ୟାର ସମାଧାନ କରାଯିବ। ଚାଷୀ, ବାହାରକୁ ଚାଲିଯାଉଥିବା ଯୁବକଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ। ଦଳମତ ନିର୍ବିଶେଷରେ ଉନ୍ନତି ପାଇଁ କାର୍ଯ୍ୟ କରିବି।

**-ଓମ୍‌ପ୍ରକାଶ ମିଶ୍ର, ସତ୍ୟବାଦୀର ବିଜୟୀ ଭାଜପା ପ୍ରାର୍ଥୀ।**

### ବ୍ରହ୍ମଗିରିବାସୀଙ୍କ ବିଜୟ ହୋଇଛି

ବ୍ରହ୍ମଗିରିବାସୀଙ୍କ ବିଜୟ ହୋଇଛି। ରାଜ୍ୟରେ ପରିବର୍ତ୍ତନ ଆସିବାକୁ ଯାଉଛି। ଅନେକ ଦିନ ହେଲା ବ୍ରହ୍ମଗିରିବାସୀ ଶୋଷିତ ହୋଇ ଆସିଥିଲେ, ତାହାର ଆଜି ଶେଷ ହୋଇଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବିକାଶ କରାଯିବ।

**-ଉପାସନା ମହାପାତ୍ର, ବ୍ରହ୍ମଗିରିର ବିଜୟୀ ଭାଜପା ପ୍ରାର୍ଥୀ।**

## ସଂକ୍ଷେପରେ

### ଶୃଙ୍ଖଳିତ ନିର୍ବାଚନ ପାଇଁ ଧନ୍ୟବାଦ ଦେଲେ ଜିଲାପାଳ, ଏସ୍‌ପି

ପୁରୀ,୪।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ୨୦୨୪ ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ନିର୍ବାଚନ ଘୋଷଣା ପରଠାରୁ ମତ ଗଣନା ସରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ରହିଥିଲା। ପୁରୀ ପରି ଏକ ପ୍ରାଚୀନ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ଭାଇଚାରାର ଜିଲାର ଅଧିବାସୀ ଏହି ନିର୍ବାଚନରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଏପରିକି ମତଦାନ ମଧ ବେଶ୍ ଉତ୍ସାହଜନକ ରହିଥିଲା। ଗଣତନ୍ତ୍ରର ଏହି ମହାନ ପର୍ବରେ ସାଧାରଣ ଜନତା, ମତଦାତା, କାର୍ଯ୍ୟ ତଦାରଖ କରିଥିବା ପର୍ଯ୍ୟବେକ୍ଷକ, ଗଣମାଧ୍ୟମ ପ୍ରତିନିଧି, ନିର୍ବାଚନ ପରିଚାଳନା କରିଥିବା ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସମସ୍ତ ରାଜନୈତିକ ଦଳର ନେତୃମଣ୍ଡଳୀ ଓ ସେମାନଙ୍କ ପ୍ରତିନିଧିମାନଙ୍କୁ ସହଯୋଗ ପାଇଁ ଜିଲାପାଳ ଏବଂ ଏସ୍‌ପି ଅଶେଷ ଧନ୍ୟବାଦ ଜଣାଇଛନ୍ତି।

### ଦ୍ୱିତୀୟ ଥର ବିଜୟୀ ହେଲେ ତୁଷାରକାନ୍ତି

କାକଟପୁର,୪।୬(ଶୁଭଦର୍ଶନ ମିଶ୍ର)

କାକଟପୁର ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନରେ ଦ୍ୱିତୀୟ ଥର ପାଇଁ ନିଜ ସ୍ଥାନ ବଜାୟ ରଖିଛନ୍ତି ତୁଷାରକାନ୍ତି ବେହେରା। ତୁଷାରକାନ୍ତି ୮୪ ହଜାର ୧୦ ଖଣ୍ଡ ଭୋଟ ପାଇଥିବାବେଳେ ସେ ତାଙ୍କ ନିକଟତମ ଭାଜପା ପ୍ରାର୍ଥୀ ବାଇଧର ମଲ୍ଲିକଙ୍କଠାରୁ ୨୩ ହଜାର ୧୫୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ନିର୍ବାଚନରେ ଭାଜପା ପ୍ରାର୍ଥୀ ବାଇଧର ୬୦ ହଜାର ୮୫୯ ଖଣ୍ଡ, କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ ୩୧ ହଜାର ୩୨୫ ଖଣ୍ଡ, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଛବି ମଲ୍ଲିକ ୭୪୬ ଖଣ୍ଡ, କୃପା ପାର୍ଟି ପ୍ରାର୍ଥୀ କାର୍ତ୍ତିକ ରାଓ ୨୩୯ ଖଣ୍ଡ, ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ଗୀତାଞ୍ଜଳି ମଲ୍ଲିକ ୨୧୯ ଖଣ୍ଡ, ମାନସ ଲୋକଶକ୍ତି ଦଳ ପ୍ରାର୍ଥୀ ଜଲି ରାଉତ ୨୨୧ ଖଣ୍ଡ, ଓଡ଼ିଶା ପ୍ରଗତି ଦଳ ପ୍ରାର୍ଥୀ ତପନ ମଲ୍ଲିକ ୧୦୩ ଖଣ୍ଡ, ଓଡ଼ିଶା ଜନତା ପାର୍ଟି ପ୍ରାର୍ଥୀ ବାମଦେବ ବେହେରା ୧୪୬ ଖଣ୍ଡ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ରବୀନ୍ଦ୍ରନାଥ କାଣ୍ଡି ୧୨୯ ଖଣ୍ଡ, ମୋ ଦଳ ପ୍ରାର୍ଥୀ ସୁମନ୍ତ ସେଠୀ ୧୮୨ଖଣ୍ଡ ଭୋଟ ପାଇବା ସହ ନୋଟାରେ ୩୮୨ ଖଣ୍ଡ ଭୋଟ ମିଳିଥିଲା।

### ମରାମତି ଅଭାବରୁ ନୟାହାଟ କଳାବୋଦା ରାସ୍ତା ଶୋଚନୀୟ

ଯୋଗେଶ୍ୱରପୁର,୪।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ କଳାବୋଦାର ୧୦ କି.ମି. ରାସ୍ତା କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ମରାମତି ଅଭାବରୁ ତାହା ଶୋଚନୀୟ ହୋଇପଡ଼ିଛି। ନୟାହାଟ କାନାରା ବ୍ୟାଙ୍କଠାରୁ ଭାରଗୋଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ସେଥିରେ ବର୍ଷା ଜଳ ଜମି ରହିବାରୁ ଯାତାୟାତରେ ବାଧାସୃଷ୍ଟି ହେଉଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ଲୋକେ କୋଣାର୍କ ଓ ପୁରୀକୁ ଯାତାୟାତ କରୁଛନ୍ତି। ଅନ୍ଧାର ରାତିରେ ଯାଉଥିବା ବାଟୋଇ ଉକ୍ତ ଖାଲରେ ପଡ଼ି କ୍ଷତବିକ୍ଷତ ହୋଇଥାଆନ୍ତି। ଉକ୍ତ ରାସ୍ତା କାହିଁକି ମରାମତି କରାଯାଉ ନାହିଁ ବୋଲି ବିଭାଗୀୟ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରୁ, ରାସ୍ତା ଟେଣ୍ଡର ହେବାକୁ ଦିଆଯାଇଛି, ଆସିଲେ ମରାମତି ହେବ ବୋଲି ସେ କହିଥିଲେ।



ରାଜ୍ୟରେ ବିଜେଡି ସରକାରର ପତନ ପରେ ମଙ୍ଗଳବାର ଶ୍ରୀଜଗନ୍ନାଥ ସେନାର ସଦସ୍ୟମାନେ ଖୁସି ମନାଇବା ସହ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ପ୍ରଥମ ଥର ବିଜୟର ସ୍ୱାଦ ଚାଖିଲେ ସମ୍ବିତ ପାତ୍ର

### ପୁରୀ ଲୋକ ସଭା ଆସନ

ପୁରୀ,୪।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଲୋକ ସଭା ଆସନରୁ ଭାଜପାର ସମ୍ବିତ ପାତ୍ର ବିଜୟ ଲାଭ କରିଛନ୍ତି। ପ୍ରଥମ ଥର ପାଇଁ ସମ୍ବିତ ବିଜୟର ସ୍ୱାଦ ଚାଖିବା ସହ ପୁରୀ ଲୋକ ସଭା ଆସନକୁ ଭାଜପା କବ୍‌ଜା କରିଛି। ଏଠାରେ ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ସମ୍ବିତ ୧୦, ୪୭୦୯ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଅରୂପ ମୋହନ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ସମ୍ବିତ ୬, ୨୯, ୩୩୦ ଖଣ୍ଡ ଭୋଟ ପାଇଥିବା ବେଳେ ଅରୂପ ୫, ୨୪, ୬୨୧ ଖଣ୍ଡ ଭୋଟ ପାଇଥିଲେ। ସେହିପରି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଜୟ ନାରାୟଣ ପଟ୍ଟନାୟକ ୨୪୩୪୨ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

# ୩ଥର ପରାଜୟ ପରେ ପ୍ରଭାତୀ ପିନ୍ଧିଲେ ବିଜୟ ମୁକୁଟ

ନିମାପଡ଼ା,୪।୬(ବିଚିତ୍ରାନନ୍ଦ ସାହୁ)

ଚଳିତ ସାଧାରଣ ନିର୍ବାଚନରେ ମଙ୍ଗଳବାର ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀରେ ୯୫ ହଜାର ୪୩୦ ଖଣ୍ଡ ଭୋଟରେ ଭାଜପା ବାଜିମାତ୍ କରିଛି। ଭାଜପା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଦିଲୀପ ନାୟକଙ୍କୁ ୪ ହଜାର ୫୮୮ ଭୋଟରେ ହରାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ଏହି ନିର୍ବାଚନରେ ଭାଜପା ଆଶାତୀତ ସଫଳତା ହାସଲ କରି ବାଜିମାତ କରି ଇତିହାସ ସୃଷ୍ଟି କରିଛି। ଏହି ଆସନରେ ୩ ଦଶନ୍ଧି ଧରି ବିଜେଡିର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶଙ୍କ ରାଜ ଚାଲିଥିଲା। ହେଲେ ଚଳିତ ନିର୍ବାଚନରେ ସମୀର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇ ପ୍ରଭାତୀଙ୍କ ରଥରେ ସାରଥି ହୋଇ ତାଙ୍କ ବିଜୟ ପାଇଁ ଉଦ୍ୟମ କରିଥିଲେ। ସମୀରଙ୍କ ଏହି ଉଦ୍ୟମ ଏବେ ସଫଳ ହୋଇଛି। ପ୍ରଭାତୀ ଏବେ ନିମାପଡ଼ାରେ ପଦ୍ମ ଫୁଟାଇ ବିଜୟର ଧ୍ୱଜା ଉଡ଼ାଇଛନ୍ତି। ଏହି ବିଜୟ ମୋର ନୁହେଁ ସମଗ୍ର ନିର୍ବାଚନମଣ୍ଡଳୀବାସୀଙ୍କର ବୋଲି ପ୍ରଭାତୀ କହିଛନ୍ତି। ନିର୍ବାଚନମଣ୍ଡଳୀବାସୀଙ୍କ ଆଶୀର୍ବାଦ ପାଇଁ ପ୍ରଭାତୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଭାଜପା କାର୍ଯ୍ୟାଳୟରେ କର୍ମୀମାନେ ବାଣ ଫୁଟାଇ, ମିଠା ବାଣ୍ଟି ବିଭିନ୍ନ ନାରାବାଜି କରି ଖୁସି ମନାଇଛନ୍ତି। ଏ ସମ୍ପର୍କରେ ସମୀରଙ୍କୁ ପଚାରିବାରେ, ନିମାପଡ଼ା, ଗୋପବାସୀଙ୍କ ବିଶ୍ୱାସ, ଭରସା ତାଙ୍କ ଉପରେ ଅଛି। ନିର୍ବାଚନମଣ୍ଡଳୀରେ ଯେଉଁ ଅଧୁରା ବିକାଶ କାର୍ଯ୍ୟ ବାକି ରହିଛି, ତାହା ଭାଜପା ସରକାରରେ ନୂଆ ବିଧାୟକ ପ୍ରଭାତୀଙ୍କ ନେତୃତ୍ୱରେ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। ଭାଜପା ପ୍ରାର୍ଥୀ ପ୍ରଭାତୀ ନିର୍ବାଚନରେ ୩ ଥର ପରାଜୟ ବରଣ କରିବା ପରେ ୪ର୍ଥ ଥରରେ ପ୍ରଥମ ଥର ପାଇଁ ବିଜୟର ସ୍ୱାଦ ଚାଖିଛନ୍ତି।ଏହି ନିର୍ବାଚନରେ ଜାତୀୟ କଂଗ୍ରେସ, ସିପିଆଇ ସମେତ ୧୧ ଜଣ ପ୍ରାର୍ଥୀ ଅମାନତ ହରାଇଥିବା ଜଣାପଡ଼ିଛି।

### ସମୀରଙ୍କ ଆଶୀର୍ବାଦ ନେଲେ



ଗୋପ,୪।୬(ଭାରତୀ ଭୂଷଣ ଉପାଧ୍ୟାୟ):

ଚଳିତ ସାଧାରଣ ନିର୍ବାଚନର ଫଳାଫଳ ମଙ୍ଗଳବାର ଘୋଷଣା ହୋଇଛି। ଏଥିରେ ନିମାପଡ଼ା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥିନୀ ପ୍ରଭାତୀ ପରିଡ଼ା ବିଜୟ ହାସଲ କରିଛନ୍ତି। ଜିତିବା ପରେ ପ୍ରଭାତୀ ପୁରୀର ଏକ ହୋଟେଲରେ ଅବସ୍ଥାନ କରିଥିବା ବରିଷ୍ଠ ଭାଜପା ନେତା ସମୀର ରଞ୍ଜନ ଦାଶଙ୍କୁ ଭେଟି 'ଏ ବିଜୟ ଆପଣଙ୍କର' ବୋଲି କହି ଆର୍ଶୀବାଦ ନେଇଛନ୍ତି। ସମୀର ମଧ ପ୍ରଭାତୀଙ୍କୁ ସମର୍ଥନ ଜଣାଇବା ସହ ଆଶୀର୍ବାଦ ଦେଇ 'ତୁମେ ଆମ ଅଞ୍ଚଳ ପାଇଁ ଗର୍ବ' ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଭାତୀଙ୍କ ବିଜୟ କ୍ଷେତ୍ରରେ ସମୀରଙ୍କ ବଡ଼ ଅବଦାନ ରହିଛି। ସମୀର ବିଜେଡିରୁ ଟିକେଟ ନ ପାଇବା ପରେ ଅସନ୍ତୋଷ ପ୍ରକାଶ କରି ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ। ଏପରିକି ପ୍ରଭାତୀଙ୍କୁ ବିଜୟୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

# ଓମ୍‌ପ୍ରକାଶଙ୍କ ବିଜୟ ପାଇଁ ଅଧିଆ ପଡ଼ିଲେ ସମିତି ସଭ୍ୟା

ସାକ୍ଷୀଗୋପାଳ, ୪।୬(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):



ମନ୍ଦିର ଗରୁଡ଼ସ୍ତମ୍ଭ ସମ୍ମୁଖରେ ଲିଜା ଛୋଟରାୟ ମାନସିକ ରଖି ବସିଛନ୍ତି।

ଭାଜପା ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ରଙ୍କ ବିଜୟ ପାଇଁ ମାନସିକ ରଖି କଣାସ ବ୍ଲକ ଅଣ୍ଡାଳସିଂ ପଞ୍ଚାୟତର ସମିତି ସଭ୍ୟା ତଥା ରୁତୁପୁର ଗ୍ରାମର ଲିଜା ଛୋଟରାୟ ମଙ୍ଗଳବାର ମନ୍ଦିର ସମ୍ମୁଖରେ ଅଧିଆ ପଡ଼ିଥିଲେ। ସକାଳ ୬ରୁ ରାତ୍ର ୯ଟା ପର୍ଯ୍ୟନ୍ତ ସେ ଉପବାସ ରହି ମନ୍ଦିରର ଗରୁଡ଼ସ୍ତମ୍ଭ ନିକଟରେ ଠାକୁରଙ୍କୁ ଗୁହାରି ଜଣାଇଥିଲେ। ମନ୍ଦିର ପୂଜାପଣ୍ଡା ଓ ସେବାୟତଙ୍କ ଅନୁରୋଧ ସତ୍ତ୍ୱେ ସେ କୌଣସି ଖାଦ୍ୟ କିମ୍ବା ପାଣି ଗ୍ରହଣ କରି ନ ଥିଲେ।

ଓମ୍‌ପ୍ରକାଶ ବିଜୟ ହେବା ନେଇ ରାତି ୮ଟାରେ ଖବର ପାଇବା ପରେ ସେ ଉପବାସ ତଥା ମାନସିକ ବ୍ରତ ଭାଙ୍ଗିଥିଲେ। ଏ ନେଇ ଲିଜା କହିଛନ୍ତି, ୨୦୧୯ ନିର୍ବାଚନରେ ସେ ଭାଜପା ସମର୍ଥିତ ସମିତିସଭ୍ୟା ପ୍ରାର୍ଥୀ ଭାବେ ନିର୍ବାଚନ ଜିତିଥିଲେ। ଓମ୍‌ପ୍ରକାଶଙ୍କ ନେତୃତ୍ୱ ଓ ସହଯୋଗ ଯୋଗୁ ସେ ବିଜୟର ସ୍ୱାଦ ଚାଖିଥିଲେ। ସେହିପରି ତାଙ୍କର ଅନେକ କଠିନ ସମୟରେ ଓମ୍‌ପ୍ରକାଶ ସହଯୋଗର ହାତ ବଢାଇଥିଲେ। ତେଣୁ ତାଙ୍କୁ ବିଧାୟକ ଭାବେ ଦେଖିବା ପାଇଁ ସେ ସାକ୍ଷୀଗୋପାଳ ଠାକୁରଙ୍କ ନିକଟରେ ଅଧିଆ ପଡ଼ିଥିଲେ। ପ୍ରଭୁ ସାକ୍ଷୀଗୋପାଳ ତାଙ୍କ ଡାକ ଶୁଣିଛନ୍ତି। ଯଦି ଓମ୍‌ପ୍ରକାଶ ବିଜୟୀ ହୋଇ ନ ଥାନ୍ତେ ତେବେ ଜଳ ମଧ ସ୍ପର୍ଶ କରି ନ ଥାନ୍ତେ ବୋଲି ଲିଜା ଭାବବିହ୍ୱଳ କଣ୍ଠରେ ପ୍ରକାଶ କରିଛନ୍ତି।

# ସମୀରଙ୍କ ଚ୍ୟାଲେଞ୍ଜ ବିଜେଡିକୁ ମହଙ୍ଗା ପଡ଼ିଲା

ନିମାପଡ଼ା,୪।୬(ବିଚିତ୍ରାନନ୍ଦ ସାହୁ):

ନିମାପଡ଼ା ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶଙ୍କ ବେଶ୍ ଦବ୍‌ଦବା ରହିଥିବାବେଳେ ସେ ୨୦୦୯ରୁ ୨୦୧୪, ୨୦୧୪ରୁ ୨୦୧୯, ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ଲଗାତର ବିଜେଡି ବିଧାୟକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ହେଲେ ଚଳିତ ବର୍ଷ ତାଙ୍କୁ ଦଳ ଟିକେଟ ନ ଦେଇ ଭାଜପା ଛାଡ଼ି ନବାଗତ ଭାବେ ବିଜେଡିରେ ମିଶିଥିବା ଦିଲୀପ ନାୟକଙ୍କୁ ଟିକେଟ ଦେଇଥିଲା। ମୁଖ୍ୟମନ୍ତ୍ରୀ ଏହାର ପୁନର୍ବିଚାର କରି ଟିକେଟ ଦେବାକୁ ସମୀର ଅନୁରୋଧ କରିଥିଲେ ମଧ ସବୁ ଚେଷ୍ଟ ବିଫଳ ହୋଇଥିଲା। ଏଥିରେ ଦଳର ଅନେକ ସମର୍ଥକ ଓ ସମୀର ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ମିଶିଥିଲେ। ନିମାପଡ଼ାରେ ସମୀର ନାହିଁ ତ ଶଙ୍ଖ ନାହିଁ ବୋଲି ନାରା, ଧ୍ୱନି ଦେଇ ନିଜେ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇ ନିମାପଡ଼ାରେ ଭାଙ୍ଗିବ ଶଙ୍ଖ, ଫୁଟିବ ପଦ୍ମ ବୋଲି କହିଥିଲେ। ନିମାପଡ଼ା ମାଟିରେ ବିଜେଡି ପ୍ରାର୍ଥୀ ଦିଲୀପଙ୍କୁ ହରାଇ ବିଜେଡିର ରାଜ୍ୟ ନେତୃତ୍ୱଙ୍କୁ ଉଚିତ୍ ଶିକ୍ଷା ଦେବାକୁ ସମୀର ଓ ତାଙ୍କ ସମର୍ଥକ ଶପଥ ନେଇ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ଏବେ ଏହି ଖୋଲା ଚ୍ୟାଲେଞ୍ଜ ସତ୍ୟ ପ୍ରମାଣିତ ହେବା ସହ ବିଜେଡି ରାଜ୍ୟ ନେତୃବୃନ୍ଦଙ୍କୁ ମହଙ୍ଗା ସାବ୍ୟସ୍ତ ହୋଇଥିବା ସ୍ପଷ୍ଟ ଜଣାପଡ଼ିଛି।

# ୩୪ ବର୍ଷ ପରେ ଶଙ୍ଖଗଡ଼ରେ ଫୁଟିଲା ପଦ୍ମ

ପିପିଲି,୪।୬(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଚଳିତ ସାଧାରଣ ନିର୍ବାଚନରେ ପିପିଲି ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ବିଜୟ ହାସଲ କରିଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରୁଦ୍ର ପ୍ରତାପ ମହାରଥୀଙ୍କୁ ୧୫, ୧୬୨ ଭୋଟ ବ୍ୟବଧାନରେ ହରାଇଛନ୍ତି। ଆଶ୍ରିତଙ୍କ ଏହି ବିଜୟ ଫଳରେ ଦୀର୍ଘ ୩୪ ବର୍ଷ ପରେ ବିଜେଡି ଗଡ଼ ପିପିଲିରେ ପଦ୍ମ ଫୁଟିଛି। ଏଥିସହ ରାଜନୀତିରେ ବଡ଼ ପରିବର୍ତ୍ତନ ଘଟିଛି। ଜନସାଧାରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ତୁଙ୍ଗ ନେତାଙ୍କ ପ୍ରଚାରର ପ୍ରଭାବ ପଡ଼ିଥିବା ଏଥିରୁ ସ୍ପଷ୍ଟ ହେଉଛି।



ପିପିଲି-ଡେଲାଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ନେତା ପ୍ରଦୀପ ମହାରଥୀ ନିଜର ପ୍ରଭାବ ବଜାୟ ରଖିଆସିଥିଲେ। ସେ ୧୯୮୫ରେ ପ୍ରଥମେ ଜନତା ପାର୍ଟିରୁ ଲଢି ଜିତିଥିଲେ। ପରେ ୧୯୯୦ରେ ଜନତା ଦଳ ଏବଂ ୨୦୦୦ରୁ ୨୦୧୯ ମସିହା ପର୍ଯ୍ୟନ୍ତ ବିଜୁ ଜନତା ଦଳରୁ ବିଜୟ ହାସଲ କରିଥିଲେ। ତାଙ୍କ ଦେହାନ୍ତ ପରେ ପୁତ୍ର ରୁଦ୍ରପ୍ରତାପ ୨୦୨୦ ଉପନିର୍ବାଚନରେ ବିଜେଡିରୁ ଜିତି ବିଧାୟକ ରହିଥିଲେ। ଏହିପରି ଦୀର୍ଘ ୩୪ ବର୍ଷ ଏହି ଗଡ଼କୁ ମହାରଥୀ ପରିବାର ନିଜ ଅକ୍ତିଆରରେ ରଖିଥିଲେ। ତେବେ ଚଳିତ ନିର୍ବାଚନରେ ଉକ୍ତ ଗଡ଼କୁ ନିଜ ହାତରେ ରଖିବାରେ ରୁଦ୍ରପ୍ରତାପ ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଏଠାରେ ତିନିଥର ପରାସ୍ତ ହୋଇଥିଲେ ମଧ ନିଜର ଦୃଢ଼ ମନୋବଳ ଓ ଶୃଙ୍ଖଳିତ ସଙ୍ଗଠନ ମାଧ୍ୟମରେ ଏହି ଗଡ଼ ଦଖଲ କରିବାରେ ଆଶ୍ରିତ ସଫଳ ହୋଇଛନ୍ତି। ଆଶ୍ରିତ ୯୯,୩୧୦ ଖଣ୍ଡ ଭୋଟ ପାଇଥିବାବେଳେ ରୁଦ୍ରପ୍ରତାପଙ୍କୁ

**୧୫, ୧୬୨ ଭୋଟରେ ରୁଦ୍ରପ୍ରତାପଙ୍କୁ ହରାଇଲେ ଆଶ୍ରିତ**

୮୪, ୧୪୮ ଭୋଟ ମିଳିଛି। ଆଶ୍ରିତ ୧୫, ୧୬୨ ଖଣ୍ଡ ଭୋଟରେ ବିଜେଡିକୁ ଚିତ୍‌ପଟାଙ୍ଗ କରିଛନ୍ତି। କହିବାକୁ ଗଲେ, ଏହି ନିର୍ବାଚନରେ ମୋଦି ଗ୍ୟାରେଣ୍ଟି ଉପରେ ଜନତା ଆସ୍ଥା ପ୍ରକଟ କରିଛନ୍ତି। ଏହି ବିଜୟ ଯୋଗୁ ଭାଜପା କର୍ମୀଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ବିଜେଡି ଶିବିରରେ ନିରାଶା ଛାଇଯାଇଛି। ପିପିଲିର ଜନତା ଓ ଭାଜପା କର୍ମୀମାନେ ଆଶ୍ରିତଙ୍କୁ ଅଭିନନ୍ଦନ ଜଣାଉଥିବା ଦେଖିବାକୁ ମିଳିଛି।

## ୨ ଘଣ୍ଟା ବିଳମ୍ବରେ ହେଲା ପୋଷ୍ଟାଲ ଭୋଟ ଗଣତି

**କଟକ, ୪।୬(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସରେ ମଙ୍ଗଳବାର ଭୋଟ ଗଣତି ହୋଇଥିଲା। ଏଠାରେ ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ମାହାଙ୍ଗା, ସାଲେପୁର, ନିଆଳି ନିର୍ବାଚନମଣ୍ଡଳୀର ଭୋଟ ଗଣତି କରାଯାଇଥିଲା। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିବାବେଳେ ପୋଷ୍ଟାଲ ଭୋଟ ଗଣତି ପ୍ରକ୍ରିୟା ପୂର୍ବାହ୍ନ ୧୦ଟାରେ ହୋଇଥିଲା। ଅପରପକ୍ଷରେ ନିଆଳି ନିର୍ବାଚନମଣ୍ଡଳୀର ପୋଷ୍ଟାଲ ଭୋଟ ଗଣତି ସମୟରେ ଭୋଟ ଗଣତି ଗୃହ ପରିସରରେ ସୁରକ୍ଷାକର୍ମୀ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ଏପରିକି ଗୃହ ପରିସରକୁ ଅନୁମତିପତ୍ର ପାଇଥିବା ବ୍ୟକ୍ତି ଯିବାଆସିବା ଜାରି ରଖିଥିଲେ। ମହାନଦୀ କ୍ୟାମ୍ପସ ପରିସରରେ ସୁରକ୍ଷା କର୍ମୀ ନିୟୋଜିତ ଥିଲେ।



କଟକ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ବିଜୟୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ, ଇଂ. ମହମ୍ମଦ ମୋକିମ ଓ ସମର୍ଥକମାନେ ଖୁସି ମନାଉଛନ୍ତି।



ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଜିତିବା ପରେ କଟକ ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର କାର୍ଯ୍ୟାଳୟ ନିକଟରେ ତାଙ୍କ ସମର୍ଥକମାନେ ଖୁସି ମନାଉଛନ୍ତି।

# କଟକ: ୯ରୁ ୪ ବିଜେଡି

## ଭାଜପା ୨, ସ୍ୱାଧୀନ ୨, କଂଗ୍ରେସ ୧

**କଟକ,୪।୬:(କାର୍ତ୍ତିକ ସାହୁ)**

ଚଳିତ ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। କଟକ ଜିଲାର ୯ଟି ନିର୍ବାଚନମଣ୍ଡଳୀରୁ ୪ଟିରେ ବିଜେଡି ଜିତିଛି। ସେହିପରି ଭାଜପା ୨, ସ୍ୱାଧୀନ ୨ ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଛି। ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ୮୦୦୧ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ସୋଫିଆ ୫୩,୩୩୯ ଖଣ୍ଡ ଭୋଟ ପାଇଥିବାବେଳେ ପୂର୍ଣ୍ଣଚନ୍ଦ୍ର ୪୫,୩୩୮ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ୪୦,୦୩୫ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ ପ୍ରାର୍ଥୀ ଅକ୍ଷୟ କୁମାର ରାଉଳ ୨୯୨, ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଅଶୋକ କୁମାର ଷଡ଼ଙ୍ଗୀ ୨୬୩, ସମୃଦ୍ଧ ଓଡ଼ିଶାର ଆରିଫ୍ ଖାନ୍ ୮୩ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ୧୮୧, ଶୋଭା ପାଣ୍ଡେ ୧୭୮, ପ୍ରଶାନ୍ତ କୁମାର ରାଉତ ୧୭୭, ସଞ୍ଜିତ କୁମାର ସାମଲ ୧୪୬, ନୀଳମାଧବ ଦାସ ୯୭, ରାଜେଶ କୁମାର ପାତ୍ର ୮୮ ଓ ନରସିଂହ ପତି ୮୫ ଖଣ୍ଡ ଭୋଟ ପାଇଛନ୍ତି। ପ୍ରଥମ ତିନି ଦଳର ପ୍ରାର୍ଥୀଙ୍କୁ ବାଦ୍ ଦେଲେ ବାକି ପ୍ରାର୍ଥୀମାନେ ପାଇଥିବା ଭୋଟ ତୁଳନାରେ ନୋଟାରେ ସର୍ବାଧିକ ୫୮୫ ଖଣ୍ଡ ଭୋଟ ପଡ଼ିଛି।

ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ନୟନ କିଶୋର ମହାନ୍ତିଙ୍କୁ ୧୭,୮୧୬ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ବିଶ୍ୱାଳ ୭୨,୩୨୫ ଖଣ୍ଡ ଭୋଟ ପାଇଥିବାବେଳେ ମହାନ୍ତି ୫୪,୫୦୯ ଖଣ୍ଡ ଭୋଟ୍ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ମୀରା ମଲ୍ଲିକ ୫,୧୧୮, ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆର ଖଗେଶ୍ୱର ସେଠୀ ୪୨୪, ଆମ୍ ଆଦ୍‌ମୀ ପାର୍ଟିର ବିଜୟଲକ୍ଷ୍ମୀ ମହାପାତ୍ର ୩୬୪, ସମୃଦ୍ଧ ଓଡ଼ିଶାର ଲୁଲୁ ବିଶ୍ୱାଳ ୩୦୬, ବହୁଜନ ସମାଜ ପାର୍ଟିର ମନୋରଞ୍ଜନ ଦଳାଇ ୧୭୧, ସ୍ୱାଧୀନ ପ୍ରାର୍ଥୀ ରୂପାଲୀ ଲେଙ୍କା ୨ ହଜାର ୮୦୪, ସୁକାନ୍ତ ଚନ୍ଦ୍ର ସାହାଣୀ ୨ ହଜାର ୧୧୩, ରଞ୍ଜିତ ମଲ୍ଲିକ ୨୮୦, ବିପ୍ଳବ ନନ୍ଦ ୨୨୪, ଶୋଭା ପାଣ୍ଡେ



ରେଭେନ୍ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସସ୍ଥିତ କେନ୍ଦ୍ରରେ ଭୋଟ ଗଣତି ଚାଲିଛି।

୨୦୦ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ନୋଟାରେ ୧୦୪୦ ଖଣ୍ଡ ଭୋଟ ପଡ଼ିଛି।

କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସେଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଚନ୍ଦ୍ରସାରଥି ବେହେରାଙ୍କୁ ୩୮୦୯ ଭୋଟରେ ପରାସ୍ତ କରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତ ୭ ହଜାର ୧୦, ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ ପ୍ରାର୍ଥୀ ପରମାନନ୍ଦ ସେଠୀ ୬୭୮ ଖଣ୍ଡ ଭୋଟ ପାଇଛନ୍ତି। ଲୋକମାନେ ନୋଟାରେ ୧ ହଜାର ୭୧ ଖଣ୍ଡ ଭୋଟ ଦେଇଛନ୍ତି।

ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଛବି ମଲ୍ଲିକ ୧,୪୫୨ ଖଣ୍ଡ ଭୋଟ୍‌ରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଡା. ପ୍ରମୋଦ କୁମାର ମଲ୍ଲିକଙ୍କୁ ହରାଇଛନ୍ତି। ଛବି ୯୦,୧୯୧ ଖଣ୍ଡ ଭୋଟ ପାଇଥିବାବେଳେ ପ୍ରମୋଦ ୮୮, ୭୩୯ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଗୀତାଞ୍ଜଳୀ ମଲ୍ଲିକ ୭ ହଜାର ୭୦୧, ବହୁଜନ ସମାଜ ପାର୍ଟିର ବେଦପ୍ରକାଶ ଦାସ ୩୬୩, ଜୟ ମହାଭାରତ ପାର୍ଟିର ଦଲୀପ ଦାସ ୧୪୭, ସମୃଦ୍ଧ ଓଡ଼ିଶାର ଅରୂପ କୁମାର ମଲ୍ଲିକ ୧୩୫ ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ତୃପ୍ତିରଞ୍ଜନ ବେହେରା ୫୦୮, ଅଭିମନ୍ୟୁ ମଲ୍ଲିକ ୪୦୮, କୃଷ୍ଣଚନ୍ଦ୍ର ବେହେରା ୧୯୯ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ନୋଟା ଭୋଟ ସଂଖ୍ୟା ୬୩୩ ରହିଛି।

ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଦଳବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଦେବୀପ୍ରସାଦ ମିଶ୍ରଙ୍କୁ ୨୩,୪୭୯ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ବିଜୟ ୮୬,୦୧୮ ଖଣ୍ଡ ଭୋଟ ପାଇଥିବାବେଳେ ଦେବୀପ୍ରସାଦ ୬୨,୫୩୯ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ସମ୍ବିତ୍ ତ୍ରିପାଠୀ ୩୦ ହଜାର ୭୫୫, କଂଗ୍ରେସ ପ୍ରାର୍ଥୀ ସଞ୍ଜୟ କୁମାର ସାହୁ ୨ ହଜାର ୧୫୩, କଳିଙ୍ଗ ନ୍ୟାଶନାଲ ଫ୍ରଣ୍ଟର ସରୋଜ କୁମାର କରଣ ୩୮୦, ନ୍ୟାଶନାଲ ଆପ୍‌ନୀ ପାର୍ଟିର ମନୋରଞ୍ଜନ ବେହେରା ୩୭୬, ସମୃଦ୍ଧ ଓଡ଼ିଶାର କୈଳାସ ଚନ୍ଦ୍ର ନାୟକ ୩୫୫, ଜନତା ଦରବାର ପାର୍ଟିର ପ୍ରସାଦ କୁମାର ନାୟକ ୨୧୬ ଏବଂ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ମନୋଜ କୁମାର ନନ୍ଦ ୭୮୮, ଯୁଗଳ କିଶୋର ରାଉତ ୩୮୯ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ନୋଟା ଭୋଟ ସଂଖ୍ୟା ୯୬୬ ରହିଛି।

ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଦେବୀ ରଞ୍ଜନ ତ୍ରିପାଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କୁ ୧୭,୦୨୬ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ତ୍ରିପାଠୀ ୬୯,୨୧୪ ଖଣ୍ଡ ଭୋଟ୍ ପାଇଥିବାବେଳେ ଚକ୍ରବର୍ତ୍ତୀ ୫୨ ହଜାର ୧୮୮ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ ୪୨ ହଜାର ୮୯୯, ମାନସ ଲୋକଶକ୍ତି ଦଳର ମମତା ଜେନା ୮୦୬, ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆର ମାଳବିକା ସାମଲ ୫୫୮, କୃପା ପାର୍ଟିର ପ୍ରକାଶ ଚନ୍ଦ୍ର ସାହୁ ୪୭୪, ନ୍ୟାଶନାଲ ଆପ୍‌ନୀ ପାର୍ଟିର ସୁବାସ ଚନ୍ଦ୍ର ରାଉତ ୨୭୩ ଓ ସ୍ୱାଧୀନ ପ୍ରାର୍ଥୀ ହେମନ୍ତ କୁମାର ଦେବତା ୨୪୭ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ନୋଟାରେ ୮୮୫ ଖଣ୍ଡ ଭୋଟ ପଡ଼ିଛି।

ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅଭୟ କୁମାର ବାରିକଙ୍କୁ ୩,୫୮୪ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ସ୍ୱାଇଁ ୮୬,୦୦୬ ଖଣ୍ଡ ଭୋଟ ପାଇଥିବାବେଳେ ବାରିକ ୮୨ ହଜାର ୪୨୨ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ସାହୁ ୨ ହଜାର ୪୦୫, ବହୁଜନ ସମାଜ ପାର୍ଟିର ଗଣେଶ୍ୱର ସାହୁ ୪୮୫, ଆମ୍ ଆଦ୍‌ମୀ ପାର୍ଟିର ଦେବପ୍ରସାଦ ମହାପାତ୍ର ୩୫୨, ନ୍ୟାଶନାଲ ଆପ୍‌ନୀ ପାର୍ଟିର ସନ୍ତୋଷ କୁମାର କର ୨୦୪, ସମୃଦ୍ଧ ଓଡ଼ିଶାର ଦିବ୍ୟସିଂହ ମିଶ୍ର ୧୨୫, ସୁପ୍ରିମ ଜିରୋ ପାର୍ଟି ଅଫ୍ ଭାରତର ପ୍ରଚେତା ପରମାଣିକ ୧୫୫, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର କୁମାର ମହାନ୍ତି ୨୯୮ ଓ ବିଜୟ କୁମାର ପରିଡ଼ା ୨୪୬ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ନୋଟା ଭୋଟ ସଂଖ୍ୟା ୭୪୦ ରହିଛି।

ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରସାଦ ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅଙ୍କିତ୍ ପ୍ରତାପ ଜେନାଙ୍କୁ ୭,୪୨୩ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ଶାରଦା ୮୮,୬୩୨ ଖଣ୍ଡ ଭୋଟ ପାଇଥିବାବେଳେ ଅଙ୍କିତ୍ ୮୧,୨୦୯ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ସୁମନ୍ତ କୁମାର ଘଡ଼େଇ ୧୯ ହଜାର ୪୮୧, କଂଗ୍ରେସର ଦେବେନ୍ଦ୍ର କୁମାର ସାହୁ ୧୪ ହଜାର ୭୯୬, ବହୁଜନ ସମାଜ ପାର୍ଟିର ଗୁଲମ ଜିଲାନୀ ଖାନ୍ ୪୪୨, ସମାଜବାଦୀ ପାର୍ଟିର ସାରଳାପୁତ୍ର ଶ୍ରୀରାମ ବିନୋଦ ଷଡ଼ଙ୍ଗୀ ୧୩୨, ଇଣ୍ଡିଆନ୍ ସିଟିଜେନ୍ସ ପାର୍ଟିର ଡ. ଦୁର୍ଗା ଚରଣ ନାୟକ ୧୦୭, ଓଡ଼ିଶା ଜନତା ପାର୍ଟିର ଚିତ୍ରସେନ ସାହୁ ୯୬, ଉତ୍କଳ ସମାଜର ଚିତ୍ତରଞ୍ଜନ ରାଉତ ୮୮, ସମୃଦ୍ଧ ଓଡ଼ିଶାର ପ୍ରଦୀପ୍ତ ମହାନ୍ତି ୫୯ ଏବଂ ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ ୨୨୫ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ନୋଟା ଭୋଟ ସଂଖ୍ୟା ୫୨୫ ରହିଛି।

ସାଲେପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଅରିନ୍ଦମ୍ ରୟଙ୍କୁ ୭,୫୯୪ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ପ୍ରଶାନ୍ତ ୮୭,୭୦୧ ଖଣ୍ଡ ଭୋଟ୍ ପାଇଥିବାବେଳେ ଅରିନ୍ଦମ ୮୦,୧୦୭ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ୍‌ର ଅକ୍ୟୁବୁଜ୍ଜାମା ଖାନ୍ ୧୯ ହଜାର୯୩୦, ବହୁଜନ ସମାଜ ପାର୍ଟିର ଯଶୋବନ୍ତ ଜେନା ୨୧୭, ସମାଜବାଦୀ ପାର୍ଟିର ଅମରେଶ ପାତ୍ର ୧୩୦, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆର ବଦ୍ରି ନାରାୟଣ ଦାଶ ୧ ହଜାର ୭୫୧, କୃପା ପାର୍ଟିର ମଧୁସୂଦନ ସାହୁ ୧୬୩, ୨ ଜଣ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱେଶ୍ୱର ସ୍ୱାଇଁ ୪୫୬, ଶୁଭେଶ ରଞ୍ଜନ ପରିଡ଼ା ୩୧୬ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ଲୋକମାନେ ନୋଟାରେ ୯୨୬ ଖଣ୍ଡ ଭୋଟ୍ ଦେଇଛନ୍ତି।



ନିର୍ବାଚନ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସରେ ଲଗାଯାଇଥିବା ସିସିଟିଭି କ୍ୟାମେରା।

### ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯିବ

“କଟକବାସୀ ଯେଉଁ ବିଶ୍ୱାସର ସହ ବିଜୟୀ କରାଇଛନ୍ତି ତାହା ହିଁ ବିରୋଧୀଙ୍କ ପାଇଁ କଡ଼ା ଜବାବ। ଭାଜପା ସରକାର ଜମି, ଖଣି ମାଫିଆଙ୍କ ପର୍ଦ୍ଦାଫାଶ୍ କରିବ। ଏପରି କି ଏଥିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ମୁଖା ଖୋଲିଦେବେ। କଟକ ଜିଲାରେ ଥିବା ଜଳ ସମସ୍ୟାର ସମାଧାନ କରାଯିବ। ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଭାଜପା ପକ୍ଷରୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ।

**ଭର୍ତ୍ତୃହରି ମହତାବ, ବିଜୟୀ ଭାଜପା ଲୋକ ସଭା, କଟକ**

### ପ୍ରତିଶ୍ରୁତି ପୂରଣ କରିବା ମୂଳ ଲକ୍ଷ୍ୟ

“ସତ୍ୟର ଜୟ ହୋଇଛି। ମୋ ବାପା ତଥା କଂଗ୍ରେସ୍‌ର ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ କଟକ ପାଇଁ ଅନେକ କାମ କରିଛନ୍ତି। ଏହି କାମ ସହ ପ୍ରାର୍ଥୀଙ୍କୁ ଲୋକମାନେ ପରଖି ବିଜୟୀ କରାଇଛନ୍ତି। କଟକବାସୀଙ୍କ ପାଇଁ ମୋ ଘର ସର୍ବଦା ଖୋଲା ରହିଛି। ସମସ୍ତଙ୍କ ସହଯୋଗରେ କଟକର ବିକାଶ କରାଯିବ। ବାପାଙ୍କ ସ୍ୱପ୍ନ ଓ କଟକର ବିକାଶ ପାଇଁ ମୁଁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ମୋର ମୂଳ ଲକ୍ଷ୍ୟ ରହିଛି। ବାରବାଟୀ-କଟକବାସୀଙ୍କୁ ସହୃଦୟରୁ ଧନ୍ୟବାଦ ଜଣାଉଛି।

**ସୋଫିଆ ଫିର୍ଦ୍ଦୋସ, ବିଜୟୀ କଂଗ୍ରେସ ବିଧାୟକ ପ୍ରାର୍ଥିନୀ, ବାରବାଟୀ-କଟକ**

### ବିଜୟର ଶ୍ରେୟ ଆଠଗଡ଼, ତିଗିରିଆବାସୀଙ୍କୁ ଦେବି

“ଏ ବିଜୟ ମୋର ନୁହେଁ, ଆଠଗଡ଼ ଓ ତିଗିରଆବାସୀଙ୍କର। ମୋ ଉପରେ ଭଲ ପାଇବା, ସ୍ନେହ, ବିଶ୍ୱାସ ଓ ଭରସା ରଖିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଏହି ନିର୍ବାଚନମଣ୍ଡଳୀର ଉନ୍ନତି କରିବା ପାଇଁ ମୁଁ ସର୍ବଦା ଚେଷ୍ଟା କରିବି।

**ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜୟୀ ବିଜେଡି ବିଧାୟକ ପ୍ରାର୍ଥୀ, ଆଠଗଡ଼**

### ଦୁର୍ନୀତି ହଟିବ, ଅଞ୍ଚଳର ଉନ୍ନତି ହେବ

“ଏବେ ପରିବର୍ତ୍ତନର ସୁଅ ଛୁଟିଛି। ତାହାକୁ କଟକ ସଦର ଅଞ୍ଚଳର ଲୋକମାନେ ଭୋଟ ମାଧ୍ୟମରେ ପ୍ରମାଣିତ କରିଛନ୍ତି। କଟକ ସଦରବାସୀ ତାଙ୍କ ନିଜ ମାଟିର ପୁଅକୁ ବିଜୟୀ କରାଇଛନ୍ତି। ବିକାଶ ପ୍ରକୃତରେ କାହାକୁ କୁହାଯାଏ ତାହା ଏବେ କଟକ ସଦରବାସୀ ଦେଖିବେ। ଦୁର୍ନୀତି ହଟିବ ଏବଂ କଟକ ସଦର ଅଞ୍ଚଳର ଉନ୍ନତି ହେବ।

**ଇଂ. ପ୍ରକାଶ ସେଠୀ, ବିଜୟୀ ଭାଜପା ବିଧାୟକ ପ୍ରାର୍ଥୀ, କଟକ ସଦର**

### କର୍ମର ଫଳ ମିଳିଛି

“କର୍ମର ଫଳ ମିଳିଛି। ମାହାଙ୍ଗାରେ ଯେଉଁ ଦୁର୍ନୀତି ଓ ଆତଙ୍କରାଜ ଚାଲିଥିଲା ତାହାର ଉଚିତ୍ ଜବାବ ଦେଇଛନ୍ତି ମାହାଙ୍ଗାବାସୀ। ମାହାଙ୍ଗାବାସୀଙ୍କୁ ଧନ୍ୟବାଦ ଜଣାଉଛି। ଏହି ଅଞ୍ଚଳବାସୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର କିଭଳି ଭାବେ ସୁଫଳ ପାଇବେ ତାହା ମୋର ମୂଳ ଲକ୍ଷ୍ୟ।

**ସାରଦା ପ୍ରଧାନ, ବିଜୟୀ ସ୍ୱାଧୀନ ବିଧାୟକ ପ୍ରାର୍ଥୀ, ମାହାଙ୍ଗା**

### ସତ୍ୟ, ଧର୍ମର ଜୟ ହୋଇଛି

“ସତ୍ୟ, ଧର୍ମ ଓ ନିଆଳିବାସୀଙ୍କର ବିଜୟ ହୋଇଛି। ନିଆଳିରେ ଦୁର୍ନୀତି ଓ ଭ୍ରଷ୍ଟାଚାର ହଟିବ। ମୋଦି ଗ୍ୟାରେଣ୍ଟି ଲୋକଙ୍କ ପ୍ରଭାବିତ କରିଛି। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିଜୟ ସ୍ୱପ୍ନ ହୋଇଯାଇଛି।

**ଛବି ମଲ୍ଲିକ, ବିଜୟୀ ଭାଜପା ବିଧାୟକ ପ୍ରାର୍ଥୀ, ନିଆଳି**

### ନିର୍ବାଚନମଣ୍ଡଳୀର ବିକାଶ କରିବାକୁ ସଂକଳ୍ପବଦ୍ଧ

“ଏହି ବିଜୟ ସତ୍ୟ ଓ ନ୍ୟାୟର ବିଚାରକ ବଡ଼ମ୍ବା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କର। ମୋତେ ସେମାନଙ୍କ ସେବକଟିଏ କରିବା ପାଇଁ ଆଶୀର୍ବାଦ ଦେଇଥିବାରୁ ମୁଁ ସମସ୍ତଙ୍କୁ ଭକ୍ତିପୂତ ପ୍ରଣାମ ଜଣାଉଛି। ବଡ଼ମ୍ବା, ନରସିଂହପୁରର ବିକାଶ ପାଇଁ ମୁଁ ନିଜକୁ ସମର୍ପିତ କରିବାକୁ ସଂକଳ୍ପବଦ୍ଧ।

**ବିଜୟ କୁମାର ଦଳବେହେରା, ବିଜୟୀ ସ୍ୱାଧୀନ ପ୍ରାର୍ଥୀ, ବଡ଼ମ୍ବା**

### ପରିବର୍ତ୍ତନର ଆବଶ୍ୟକତା ଥିଲା

“ନିର୍ବାଚନ ଫଳାଫଳ ବହୁତ ଆଶ୍ଚର୍ଯ୍ୟଜନକ ହୋଇଛି। ଗଣତନ୍ତ୍ରରେ ପରିବର୍ତ୍ତନ ଆବଶ୍ୟକ। ଫଳରେ ବିକାଶଧାରା ଦ୍ୱିଗୁଣିତ ହେବ। ଏବେ ଯାହା ଜନମତ ଆସିଛି ତାହା ସ୍ୱାଗତଯୋଗ୍ୟ। ସମାଜର ପ୍ରତିଟି ଦିଗରେ ଉନ୍ନତଧରଣର କାର୍ଯ୍ୟ ହେବା ଉପରେ ବିଜୟୀ ପ୍ରାର୍ଥୀ ଗୁରୁତ୍ୱ ଦେବା ଆବଶ୍ୟକ।

**ରଶ୍ମି ପ୍ରିୟଦର୍ଶିନୀ, ଗୃହିଣୀ**

### ନିର୍ବାଚନ ଫଳାଫଳ ଚକିତ କରିଛି

“ପରିବର୍ତ୍ତନ ବିକାଶର ନୂଆ ପରିଚୟ। ଏହି ପରିବର୍ତ୍ତନ ରାଜ୍ୟର ବିକାଶ କରାଇବ। ନିର୍ବାଚନ ଫଳାଫଳ ଚକିତ କରିଛି। ଲୋକେ କେତେମାତ୍ରାରେ ପରିବର୍ତ୍ତନ ଚାହୁଁଥିଲେ ତାହା ଏଥିରୁ ସ୍ପଷ୍ଟ ହୋଇଛି। ନିର୍ବାଚନରେ ବିଜୟ ଓ ପରାଜୟ ଲାଗିରହିଥାଏ। ହେଲେ ପ୍ରାର୍ଥୀ ନିର୍ବାଚନ ଜିତିବା ପରେ ୫ ବର୍ଷ ପାଇଁ ଲୋକଙ୍କ ସୁଖଦୁଃଖରେ ଛିଡ଼ା ହେବା, ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବା ଆବଶ୍ୟକ।

**ମୋନାଲିସା ନାୟକ, ଛାତ୍ରୀ**

## ଭର୍ତ୍ତୃହରି ମହତାବ ୫୭,୦୭୭ ଖଣ୍ଡ ଭୋଟରେ ବିଜୟୀ

**କଟକ,୪।୬:(କାର୍ତ୍ତିକ ସାହୁ)**

**କଟକ ଲୋକ ସଭା ନିର୍ବାଚନମଣ୍ଡଳୀ**

କଟକ ଲୋକ ସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସଂତୃପ୍ତ ମିଶ୍ରଙ୍କୁ ୫୭,୦୭୭ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ମହତାବ ୫,୩୧,୬୦୧ ଖଣ୍ଡ ଭୋଟ ପାଇଥିବାବେଳେ ମିଶ୍ର ୪,୭୪,୫୨୪ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ୍‌ର ସୁରେଶ ମହାପାତ୍ର ୮୩ ହଜାର ୮୧୫, ବହୁଜନ ସମାଜ ପାର୍ଟିର ପ୍ରମୋଦ କୁମାର ମଲ୍ଲିକ ୪ ହଜାର ୪୮୪, କୃପା ପାର୍ଟିର ପ୍ରକାଶ ଚନ୍ଦ୍ର ସାହୁ ୩ ହଜାର ୭୯୪, ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆର ରାଜକିଶୋର ମଲ୍ଲିକ ୩ ହଜାର ୭୫, ସମୃଦ୍ଧ ଓଡ଼ିଶାର ମିନତି ପଟ୍ଟନାୟକ ୧ହଜାର ୨୫୧ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ନିରଞ୍ଜନ ପତି ୪ ହଜାର ୩୯୬, ଶୋଭା ପାଣ୍ଡେ ୩ହଜାର ୮୮୮, ଗୋକୁଳାନନ୍ଦ ମିଶ୍ର ୧ହଜାର ୮୦୮ ଖଣ୍ଡ ଭୋଟ ପାଇଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସୂଚନା ଅନୁସାରେ, କଟକ ଲୋକସଭା ନିର୍ବାଚନମଣ୍ଡଳୀରେ ମୋଟ୍ ୧୧,୧୨,୬୩୬ଟି ବୈଧ ମତଦାନ ହୋଇଥିଲା। ସେଥିମଧ୍ୟରୁ ୬୫ଟି ଭୋଟ ନାକଚ ହୋଇଥିବାବେଳେ ଟେଣ୍ଡର ଭୋଟ ୬୩୬ଟି ଓ ନୋଟାରେ ୮ ହଜାର ୧୫୯ ଖଣ୍ଡ ଭୋଟ ପଡ଼ିଛି।

## ଧୁମ୍‌ଧାମ୍‌ରେ ବିଜୟ ଉତ୍ସବ ପାଳିଲେ କର୍ମୀ, ସମର୍ଥକ



ମାହାଙ୍ଗାର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ପ୍ରଧାନ ଜିତିବା ପରେ ଭୋଟ ଗଣତି କେନ୍ଦ୍ର ବାହାରେ ସମର୍ଥକଙ୍କ ଗହଣରେ ଖୁସି ମନାଉଛନ୍ତି।

**କଟକ, ୪।୬(ଶିଳ୍ପା ପ୍ରିୟଦର୍ଶିନୀ)**

ରାଜ୍ୟର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଭୋଟ ଗଣତି ଶେଷ ହୋଇଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକମାନେ ଖୁସି ମନାଇଛନ୍ତି। ଏହି ପରିପ୍ରେକ୍ଷୀରେ କଟକରେ ବିଜୟ ଉତ୍ସବ ପାଳନ କରାଯାଇଛି। କଟକ ବିହାରୀବାଗସ୍ଥିତ ଭାଜପା କାର୍ଯ୍ୟାଳୟରେ ବିଜୟୀ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ସଇଦାନୀ ବଗିଚାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବିଜୟୀ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ କର୍ମୀମାନଙ୍କ ସହିତ ବିଜୟ ଉତ୍ସବ ପାଳନ କରିଥିଲେ। ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସଠାରେ ମାହାଙ୍ଗା ବିଧାନସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନ, କଟକ ସଦର ନିମନ୍ତେ ଭାଜପା ପ୍ରାର୍ଥୀ ଇଂ. ପ୍ରକାଶ ସେଠୀଙ୍କ ନାମ ବିଜୟୀ ଘୋଷଣା କରାଯିବା ପରେ କର୍ମୀମାନେ ବାଣ ଫୁଟାଇବା ସହ ପରସ୍ପରକୁ ମିଠା ଖୁଆଇ ବିଜୟ ଉତ୍ସବ ପାଳନ କରିଥିଲେ।

